## ସଂକ୍ଷେପରେ

### ବାଲିଚନ୍ଦ୍ରପୁରରେ ଅଷ୍ଟପ୍ରହର ନାମଯଜ୍ଞ

ବାଲିଚନ୍ଦ୍ରପୁର,୧୮।୪(ସ୍ୱ.ପ୍ର.): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଲିଚନ୍ଦ୍ରପୁରସ୍ଥ ମା'ମଲ୍ୟାବୁଢୀ ଠାକୁରାଣୀ ନିକଟସ୍ଥ ବଟବୃକ୍ଷ ନିକଟରେ ୭୩ତମ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ଟି କୀର୍ତ୍ତନମଣ୍ଡଳୀ ବିଭିନ୍ନ ଜିଲାରୁ ପହଞ୍ଚି ନାମସଙ୍କୀର୍ତ୍ତନ କରିଥିଲେ। କର୍ତ୍ତାଭାବେ ମଣ୍ଟୁ ସେଠୀ କାର୍ଯ୍ୟ ସମ୍ପାଦନା କରିଥିଲେ। ବଡ଼ଚଣା କଂଗ୍ରେସ ନେତା କ୍ୟାପ୍‌ଟେନ ରାଜନାରାୟଣ ମହାପାତ୍ର, ମାନଭଞ୍ଜନ ରାଉତରାୟ, ରବୀନ୍ଦ୍ର ରାଉତରାୟ, ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, କମ୍ୟୁନିଷ୍ଟ ନେତା ଅଜୟ ବିଶ୍ୱାଳ, ବ୍ୟବସାୟୀ ନିର୍ମଳ ଚନ୍ଦ୍ର ରାଉତରାୟ, ସାମାଜିକ କର୍ମୀ ଶୈଳେନ୍ଦ୍ର ନାରାୟଣ ଦେଓ, କିରଣ ଶତପଥୀ, କବି ନିରଞ୍ଜନ ଜେନା, ସାମ୍ବାଦିକ ଭକ୍ତଚରଣ ସାହୁ, ଆଲୋକ ପ୍ରଧାନ, ପ୍ରଦୀପ୍ତ ପୃଷ୍ଟି, ବିଜୟ ପରିଡ଼ା, ବିଜୟ ସାହୁ, ବଟକୃଷ୍ଣ ଜେନା, ପ୍ରଫୁଲ୍ଲ ପରିଡ଼ା, ଅମିୟ ବିଶ୍ୱାଳ, ଅମିୟ ସାହାଣୀ, ଶ୍ୟାମ ସୁନ୍ଦର ଦାସ, ନାରାୟଣ ଚନ୍ଦ୍ର ଦାସ, ଧୀରେନ୍ଦ୍ର ଜେନା, ଅଶୋକ ସାହୁ, ନିରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ବାଲିଚନ୍ଦ୍ରପୁର ଗ୍ରାମବାସୀଙ୍କ ପକ୍ଷରୁ ସର୍ବଶ୍ରୀ କର୍ତ୍ତିକ ଚନ୍ଦ୍ର ସେଠୀ, ସତ୍ୟାନନ୍ଦ ସେଠୀ, ସୁମନ୍ତ କୁମାର ସେଠୀ ଓ ଲକ୍ଷ୍ମୀଧର ସେଠୀ ପ୍ରମୁଖ ନାମଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

### ଆଧ୍ୟାତ୍ମିକ ପ୍ରେମୀଙ୍କ ପରଲୋକ

ବାଲିଚନ୍ଦ୍ରପୁର,୧୮।୪(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବରଦା (ନାନକାର) ଗ୍ରାମର ଆଧ୍ୟତ୍ମିକ ପ୍ରେମୀ ଭଜହରି ରାଉତ (୮୩)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ସ୍ଥାନୀୟ ଗୋପାଳପୁର କ୍ଷେତ୍ରୀୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିଲା। ଏହି ଖବର ପ୍ରଚାରିତ ହେବାପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ସେ ଏକାଧାରରେ ଜଣେ ଅମାୟିକ, ପରୋପକାରୀ ଓ ଆଧତ୍ମିକ ପ୍ରେମୀ ବ୍ୟକ୍ତି ଥିଲେ। ଆଖପାଖ ଅଞ୍ଚଳରେ ବିଭିନ୍ନ ଆଧାତ୍ମିକ ଅନୁଷ୍ଠାନ ସହ ଜଡ଼ିତ ରହି ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ତାଙ୍କ ମରଶରୀର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମରଶରୀରକୁ ଶୋଭାଯାତ୍ରାରେ ଅଞ୍ଚଳ ପରିକ୍ରମା କରାଯିବା ପରେ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଜ୍ୟୋଷ୍ଠପୁତ୍ର ଶରତ କୁମାର ରାଉତ ମୁଖାଗ୍ନି ଦେଇଥିଲେ।

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ଖଇରା, ୧୮।୪(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଜଳଦା ପଞ୍ଚାୟତ ଅଧୀନ ତୁଟୋ ଗ୍ରାମର ପଦ୍ମାମିସ୍ତ୍ରୀ ଭାବେ ପରିଚିତ ପ୍ରଫୁଲ୍ଲ କୁମାର ଜେନା ମଙ୍ଗଳବାର କାମ କରୁଥିବା ବେଳେ ଅଚେତ ହୋଇପଡିଥିଲେ। ନିକଟସ୍ଥ ତୁଡିଗଡିଆ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରୁ ସୁସ୍ଥ ହୋଇ ଫେରିବା ରାସ୍ତାରେ ପୁଣି ଗୁରୁତର ହୋଇପଡିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅଂଶୁଘାତ ଯୋଗୁ ସେ ମୃତ୍ୟୁବରଣ କରିଥିବା ସନ୍ଦେହ କରାଯାଉଛି।

# କୋରେଇ ଅଞ୍ଚଳରେ ମାଳ ମାଳ ଘରୋଇ ସ୍କୁଲ

- ଆବଶ୍ୟକ ଭିତ୍ତିଭୂମି ନ ଥାଇ ମିଳୁଛି ସିଓଆର୍
- ବିନା ତାଲିମରେ ଶିକ୍ଷାଦାନ କରୁଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ

କୋରେଇ,୧୮।୪(ଡି.ଏନ୍.ଏ.):

କୋରେଇ ବ୍ଲକ ଅଞ୍ଚଳରେ ଦିନକୁ ଦିନ ବେଆଇନ ଭାବେ ମାଳ ମାଳ ଘରୋଇ ସ୍କୁଲ ଗଢ଼ିଉଠୁଛି। ପ୍ରଶାସନ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନୈରାଶ୍ୟଜନକ ଥିବାରୁ ନିର୍ଦ୍ୱନ୍ଦ୍ୱରେ ଏହି ବେଆଇନ ସ୍କୁଲଗୁଡ଼ିକ ଚାଲୁଥିବା ଆଲୋଚନା ହେଉଛି। ଅଧିକାଂଶ ସ୍କୁଲରେ ସରକାରୀ ଗାଇଡ୍‌ଲାଇନ ଅନୁଯାୟୀ ଆବଶ୍ୟକ ଭିତ୍ତିଭୂମି ନ ଥିଲେ ମଧ୍ୟ ଶିକ୍ଷା ବିଭାଗର କେତେଜଣ ଦୁର୍ନୀତିଖୋର ଅଧିକାରୀ ମାସିକ ମୋଟା ଅଙ୍କର ହାତଗୁଞ୍ଜା ନେଇ ସ୍କୁଲଗୁଡ଼ିକୁ ପରିଭ୍ରମଣ ନ କରି ସ୍ୱୀକୃତି ପ୍ରମାଣପତ୍ର ବା ସିଓଆର୍ (ସାର୍ଟିଫିକେଟ୍ ଅଫ୍ ରିକଗ୍‌ନାଇଜେଶନ) ପ୍ରଦାନ କରୁଛନ୍ତି। ପୂର୍ବରୁ ଶିକ୍ଷା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ସିଓଆର୍ ନ ଥିବା ସ୍କୁଲଗୁଡ଼ିକୁ କାରଣ ଦର୍ଶାଅ ନୋଟିସ କରିବା ସହିତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣକରି ତା'ର ରିପୋର୍ଟ ଦାଖଲ କରିବାକୁ ଏକାଧିକ ଥର ଜିଲା ଶିକ୍ଷାଧିକାରୀ(ଡିଇଓ)ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶ କେବଳ କାଗଜପତ୍ରରେ ସୀମିତ ରହିଥିବା ମତପ୍ରକାଶ ପାଉଛି।

କୋରେଇ ଅଞ୍ଚଳରେ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଘରୋଇ ସ୍କୁଲ ରହିଛି। ପିଲାଙ୍କ ପାଇଁ ପିଇବା ପାଣି, ଖେଳପଡ଼ିଆ, ଶୌଚାଳୟ ଓ ଆବଶ୍ୟକ କ୍ଲାସ୍‌ରୁମ୍‌ର ବ୍ୟବସ୍ଥା ନ ଥାଇ ସ୍କୁଲଗୁଡ଼ିକ ଚାଲୁଛି। ଅନେକ ଶିଶୁମନ୍ଦିରରେ କର୍ଯ୍ୟରତ ଥିବା ଶିକ୍ଷୟିତ୍ରୀ ଶିକ୍ଷକ କୌଣସି ତାଲିମ ନ ନେଇ ପିଲାଙ୍କୁ ଶିକ୍ଷାଦାନ କରୁଥିବା ଜଣାପଡ଼ିଛି। ଘରୋଇ ସ୍କୁଲ ମାଲିକ ଏବଂ ଶିକ୍ଷା ବିଭାଗର କେତେଜଣ ଅଧିକାରୀ ମିଶି ପିଲାଙ୍କ ଭବିଷ୍ୟତକୁ ଅନ୍ଧାର ଭିତରକୁ ଠେଲି ଦେଉଥିବା ଚର୍ଚ୍ଚା ହେଉଛି। ସବୁଠାରୁ ବଡ଼ କଥା ହେଉଛି କେତେକ ସ୍କୁଲ ବେଆଇନ ଭାବେ ସରକାରୀ ଜମିରେ ଚାଲୁଛି। ହେଲେ ଅନ୍ୟତ୍ର ବ୍ୟକ୍ତିଗତ ମାଲିକାନାରେ ଥିବା ଜମିର କାଗଜପତ୍ର ଦାଖଲକରି ଏହି ସ୍କୁଲ ମାଲିକ ସିଓଆର୍ ହାତେଇ ନେଇଥିବା ଆଲୋଚନା ହେଉଛି। ସ୍ୱୀକୃତି ପ୍ରମାଣପତ୍ର ପ୍ରଦାନ ସମୟରେ ବ୍ଲକ ଶିକ୍ଷାଧିକାରୀଙ୍କ ଦ୍ୱାରା ସ୍କୁଲ ଚାଲୁଥିବା ଜାଗାକୁ ପରିଦର୍ଶନକରି ଆବଶ୍ୟକ ଭିତ୍ତିଭୂମିର ଅନୁସନ୍ଧାନ କିମ୍ବା ମାଲିକଙ୍କ ଦ୍ୱାରା ଦାଖଲ ହୋଇଥିବା ଜମିଜମା କାଗଜପତ୍ରର କୌଣସି ସତ୍ୟାସତ୍ୟ ଯାଞ୍ଚ କରାଯାଉନାହିଁ।

ବ୍ଲକ୍ ଅଧୀନ ଅନ୍ଧାରୀ ପଞ୍ଚାୟତରେ ଏକାଧିକ ସ୍କୁଲ ବେଆଇନ ଭାବେ ଜାଲ୍ କାଗଜପତ୍ର ତଥା ସରକାରୀ ଜମିରେ ଚାଲୁଥିବା ଗ୍ରାମବାସୀଙ୍କ ଦ୍ୱାରା ଅଭିଯୋଗ ହେଉଥିଲେ ମଧ୍ୟ ଶିକ୍ଷା ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ। ଏଠାରେ ଜଣେ ମାଲିକ ବିନା ସିଓଆର୍ ଏବଂ ଆବଶ୍ୟକ ଭିତ୍ତିଭୂମି ନ ଥାଇ ଦୀର୍ଘ ବର୍ଷ ହେବ ନିଜର ଏକ ସ୍କୁଲ ଚଳାଇ ଆସୁଛନ୍ତି। ଅନଭିଜ୍ଞ ଶିକ୍ଷୟିତ୍ରୀଶିକ୍ଷକଙ୍କ ଦ୍ୱାରା ପିଲାଙ୍କୁ ଶିକ୍ଷା ଦାନକରି ଅଭିଭାବକଙ୍କ ନିକଟରୁ ମାସିକ ମୋଟା ଅଙ୍କର ଅର୍ଥ ଅସୁଲ କରୁଛନ୍ତି। ଗ୍ରାମବାସୀ ସେହି ମାଲିକଙ୍କ ବିରୋଧରେ ଏକାଧିକ ଥର ଅଭିଯୋଗ କରିଥିଲେ ହେଁ କୌଣସି ସୁଫଳ ମିଳିନାହିଁ। ଫଳରେ ଜିଲା ଶିକ୍ଷା ବିଭାଗର କେତେଜଣ ଅଧିକାରୀ ଏବଂ ଘରୋଇ ସ୍କୁଲ ମାଲିକଙ୍କ ମଧ୍ୟରେ ସୁସମ୍ପର୍କ ରହିବା ସହିତ ମୋଟା ଅଙ୍କର ଲାଞ୍ଚ କାରବାର ହେଉଥିବା ଚର୍ଚ୍ଚା ହେଉଛି। ଏଭଳି ସ୍ଥିତିରେ ସରକାରୀ ସ୍କୁଲ ଏବଂ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉପରୁ ସାଧାରଣ ଲୋକଙ୍କ ଭରସା ତୁଟିବାରେ ଲାଗିଛି। ତେଣୁ ଏ ସବୁର ତଦନ୍ତ ପାଇଁ ଦାବି ହୋଇଛି। ଏ ସମ୍ପର୍କରେ କୋରେଇ ଅତିରିକ୍ତ ବିଇଓ ଅଶୋକ ରାୟଙ୍କୁ ପଚାରିବାରେ ସେ କହିଛନ୍ତି, ନିର୍ଦ୍ଦେଶ ମିଳିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଅଙ୍ଗନୱାଡ଼ି କେନ୍ଦ୍ରକୁ ମଦବୋତଲ ଫିଙ୍ଗିଲେ ଦୁର୍ବୃତ୍ତ



ଅଙ୍ଗନୱାଡି କେନ୍ଦ୍ର ବାହାରେ ପିଲା ପାଠ ପଢ଼ୁଛନ୍ତି।

### ବାରଣ୍ଡାରେ ପାଠ ପଢ଼ିଲେ ପିଲା

ଚଣ୍ଡିଖୋଲ,୧୮।୪(ଡି.ଏନ.ଏ.):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରା ପଞ୍ଚାୟତର ଖଇରା-୨ ଅଙ୍ଗନୱାଡି କେନ୍ଦ୍ରରେ ସୋମବାର ରାତିରେ ଦୁର୍ବୃତ୍ତ ଆତଙ୍କ ସୃଷ୍ଟି କରିଛନ୍ତି। ଏନେଇ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ଚପଳା ମଲ୍ଲିକ ମଙ୍ଗଳବାର ବଡ଼ଚଣା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ରାତିରେ କେତେଜଣ ଦୁର୍ବୃତ୍ତ ମଦ୍ୟପାନ କରି କେନ୍ଦ୍ର ପରିସରକୁ ଖାଲି ବୋତଲ ଭାଙ୍ଗି ଫୋପାଡିଛନ୍ତି। ମଙ୍ଗଳବାର ସକାଳେ ସେ ଅଙ୍ଗନୱାଡି କେନ୍ଦ୍ରକୁ ଆସି ଗୃହ ଖୋଲିଲାବେଳକୁ ଘର ଭିତରେ ଓ ବାହାରେ ମଦ ବୋତଲ ଭାଙ୍ଗି ଫୋପଡ଼ାଯାଇଥିବା ଦେଖିଥିଲେ। ଭଙ୍ଗା କାଚ ବୋତଲ ଓ କାଚ ଗୁଣ୍ଡ ସବୁ ଚାରିଆଡ଼େ ଗଦା ହୋଇଥିଲା। ଆବର୍ଜନା କୁଣ୍ଡ ଓ ପାଣି ଟ୍ୟାପ ମଧ୍ୟ ଭଙ୍ଗା ଯାଇଥିଲା। ତେଣୁ କେନ୍ଦ୍ରକୁ ପିଲାମାନେ ଆସିବା ପରେ ସେ କେନ୍ଦ୍ର ଗୃହର ବାରଣ୍ଡା ସଫା କରି ପିଲାଙ୍କୁ ପଢ଼ାଇଥିଲେ। ଏନେଇ ସ୍ଥାନୀୟ ଗ୍ରାମରେ ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ଅମାନବୀୟ ଘଟଣା ଘଟାଇଥିବା ଦୁର୍ବୃତ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପୋଖରୀ ଖନନ କାର୍ଯ୍ୟ ବନ୍ଦ କଲେ ମହିଳା





ଜେସିବିରେ ପୋଖରୀ ଖନନ ଚାଲିଛି। ପୋଖରୀ ଖନନକୁ ମହିଳାମାନେ ବିରୋଧ କରୁଛନ୍ତି।

ବରୀ,୧୮।୪(ଡି.ଏନ.ଏ.):

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ବରୀ ବ୍ଲକ୍ ଅଧୀନ ମନ୍ଦାରି ପଞ୍ଚାୟତର ମେଦୁଆକୂଳ ଗ୍ରାମରେ ଏକ ପୋଖରୀ ଖୋଳାଯାଉଥିବାବେଳେ ବିରୋଧ କରାଯାଇଛି। ପୋଖରୀ ଖୋଳା ହେଉଥିବା ସ୍ଥାନଟି ଗୋଚର ହୋଇଥିବାରୁ ଓ ସେଠାରେ ଖେଳ ପଡ଼ିଆଥିବାରୁ ଗ୍ରାମର ଶତାଧିକ ମହିଳା ପହଞ୍ଚି ଏହାକୁ ବିରୋଧ କରିଥିଲେ। ଖବରପାଇ ବରୀ ବିଡିଓ ନମିତା ବାରିକ ପହଞ୍ଚି ଏହାର ଅନୁଧ୍ୟାନ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ପୋଖରୀର ଆବଶ୍ୟକତା ରହିଛି। ତେଣୁ ସହମତି ଭିତରେ ଉକ୍ତ କାର୍ଯ୍ୟକୁ କରିବାକୁ ପରାମର୍ଶ ଦେଇ ଫେରି ଯାଇଥିଲେ। ଏହାପରେ ଉକ୍ତ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ବଳପୂର୍ବକ ସରକାରୀ ନିୟମ ଉଲ୍ଲଂଘନ କରି ଶ୍ରମିକ ବଦଳରେ ମେଶିନରେ କାର୍ଯ୍ୟ ଆରମ୍ଭ କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା।

ମେଦୁଆକୂଳ ରାଜସ୍ୱ ଗ୍ରାମର ଖାତା ନଂ.୪୪୦ ଓ ୭୬୩ ଗୋଚର ଜମିରେ ପୋଖରୀ ଖୋଳାଯିବାକୁ ନେଇ ସ୍ଥାନୀୟ ଲୋକେ ଯାଜପୁର ଜିଲାପାଳ, ବରୀ ବିଡିଓ ଏବଂ ବରୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିଲା। ମଙ୍ଗଳବାର କାର୍ଯ୍ୟ ଆରମ୍ଭ ହେବାମାତ୍ରେ ଲୋକେ ପହଞ୍ଚି ବିରୋଧ କରିଥିଲେ। ପୋଖରୀ ଖୋଳାଯିବା ସ୍ଥାନରେ ସୂଚନାଫଳକ ଲଗାଯାଇ ନ ଥିଲା। ଖନନ ସ୍ଥାନଟି ସ୍ଥାନୀୟ ଲୋକଙ୍କର ଆବଶ୍ୟକତା ରହିଥିବାବେଳେ ଏଠାରେ ପୋଖରୀ ହେଲେ ସମସ୍ୟା ସୃଷ୍ଟି ହେବ ବୋଲି ମହିଳାମାନ ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ଠିକାଦାର ତୃଷ୍ଟିକରଣ ପାଇଁ ଏଭଳି କାର୍ଯ୍ୟ କରାଯାଉଛି ବୋଲି ବରୀ ଭାଜପା ଯୁବନେତା ସୌଭାଗ୍ୟ ରଞ୍ଜନ ଦାସ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ଶ୍ରମିକଙ୍କୁ କର୍ମ ନିଯୁକ୍ତି ଦେବା କ୍ଷେତ୍ରରେ ସରକାର ଗୁରୁତ୍ୱ ଦେଉଥିବା ବେଳେ ଏଠାରେ ଶ୍ରମିକଙ୍କ କାର୍ଯ୍ୟ ମେଶିନ କରୁଛି। ମାତ୍ର ବ୍ଲକ୍ ପ୍ରଶାସନ, ଜିଲା ପ୍ରଶାସନ ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ଏହି ଘଟଣାରେ ଆଖି ବୁଜି ଦେଇଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ବିଡିଓ ବାରିକଙ୍କୁ ପଚାରିବାରେ ସେ କହିଛନ୍ତି, ସ୍ଥାନୀୟ ଲୋକଙ୍କ ଅଭିଯୋଗକ୍ରମେ ଘଟଣାସ୍ଥଳ ପରିଦର୍ଶନ କରି ଫେରିଛି। ଯଦି କିଛି ଅସୁବିଧା ହୁଏ ତେବେ ଉକ୍ତ କାର୍ଯ୍ୟକୁ ବନ୍ଦ କରାଯିବ।

### ବାଇକ୍ ଦୁର୍ଘଟଣାରେ ଯୁବକ ମୃତ

ଧାମନଗର,୧୮।୪(ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ଦିହୁଡ଼ି ଆନନ୍ଦପୁର ପଞ୍ଚାୟତ ଚନ୍ଦସାହି ଛକରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ହେଲେ ଭଣ୍ଡାରିପୋଖରୀ ବ୍ଲକ କୁରିଗାଁ ପଞ୍ଚାୟତ ସଠଗାଁ ଗ୍ରାମର ସଂଗ୍ରାମ ପରିଡ଼ା(୨୨)। ଗୁରୁତର ଯୁବକଙ୍କ ପରିଚୟ ମିଳିପାରି ନାହିଁ। ସଂଗ୍ରାମ ଓ ତାଙ୍କ ସାଙ୍ଗ ଏକ ବାଇକ୍‌ରେ ଆନନ୍ଦପୁରରୁ ଆସୁଥିବା ବେଳେ ଚନ୍ଦସାହି ଛକଠାରେ ରାସ୍ତାକଡ଼ରେ ଥିବା ବାଉଁଶ ବୁଦାରେ ପିଟି ହୋଇଯାଇଥିଲେ। ଲୋକେ ସେମାନଙ୍କୁ ଯାଜପୁର ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସଂଗ୍ରାମଙ୍କୁ ମୃତ ଘୋଷଣା କରିଥିଲେ।

### ଶ୍ୱଶୁରଙ୍କୁ ଆକ୍ରମଣ ଅଭିଯୋଗରେ ଜ୍ୱାଇଁ ଗିରଫ

ଧର୍ମଶାଳା,୧୮।୪(ଡି.ଏନ.ଏ.):

ଶ୍ୱଶୁରଙ୍କୁ ଆକ୍ରମଣ ଅଭିଯୋଗରେ ଜ୍ୱାଇଁଙ୍କୁ ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ଯାଜପୁର ଜିଲା ଜେନାପୁର ଥାନା ଅନ୍ତର୍ଗତ ପଥରଡିହ ଗ୍ରାମରେ ଏହି ଘଟଣା ଘଟିଛି। ଗ୍ରାମର ପ୍ରଶାନ୍ତ ସାହୁ(୪୫) ସୋମବାର ପାରିବାରିକ କଳହ ଯୋଗୁ ତାଙ୍କ ସ୍ତ୍ରୀ ପ୍ରମିଳାଙ୍କୁ ମାଡ଼ ମାରିଥିଲେ। ଖବର ପାଇ ତାଙ୍କ ଶ୍ୱଶୁର ପହଞ୍ଚି ଏହାକୁ ବିରୋଧ କରିଥିଲେ। ମାତ୍ର ପ୍ରଶାନ୍ତ ଏକ ଇଟା ଆଣି ତାଙ୍କ ଶ୍ୱଶୁରଙ୍କ ଉପରକୁ ଫୋପାଡ଼ିଥିଲେ। ଫଳରେ ପ୍ରଶାନ୍ତଙ୍କ ଶ୍ୱଶୁର କୁଆଖିଆ ଥାନା ଜାବରା ଗ୍ରାମର ବାବାଜୀ ଚରଣ ଦେଓ ଗୁରୁତର ହୋଇଥିଲେ। ପରେ ଏନେଇ ବାବାଜୀ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୯/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପ୍ରଶାନ୍ତଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ଶ୍ୱଶୁରଙ୍କ ଅଭିଯୋଗକ୍ରମେ ଜ୍ୱାଇଁ ଗିରଫ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଆଲୋଚ୍ୟର ବିଷୟ ପାଲଟିଛି।

### ଗୋପୂଜନ ଉତ୍ସବ

ବଡ଼ଚଣା,୧୮।୪(ଡି.ଏନ୍.ଏ.):

ଚଣ୍ଡିଖୋଲ ସନ୍ନିକଟ ବାଜବାଟୀଠାରେ ଅଷ୍ଟମ ବାର୍ଷିକ ଗୋପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୬ ଗାଈଙ୍କୁ ପୂଜାର୍ଚ୍ଚନା ସହ ସେବା କରାଯାଇଛି। ପ୍ରଥମେ ଗୋରୁ ମାଲିକମାନଙ୍କୁ ପାନଗୁଆ ଦେଇ ନିମନ୍ତ୍ରଣ କରାଯାଇଥିଲା। ପରେ ଗୋରୁଙ୍କୁ ନୂତନ ପଘାରେ ବନ୍ଧା ଯାଇ ଫୁଲ, ସିନ୍ଦୂର, ଚନ୍ଦନ କର୍ପୁର ଓ ନୂତନ ବସ୍ତ୍ର ପରିଧାନ କରାଯାଇ ଆଳତି କରାଯାଇଥିଲା। ପରେ ଗୋଖାଦ୍ୟ ସମେତ ପଣା ଦିଆଯାଇଥିଲା। ସାମାଜିକ କର୍ମୀ ଅଜାମ୍ବର ସାହୁ ଓ ତାଙ୍କ ସ୍ତ୍ରୀ ସତ୍ୟଭାମା ସାହୁ ଗୋରୁଙ୍କୁ ପୂଜାର୍ଚ୍ଚନା କରି ଆର୍ଶୀବାଦ ନେଇଥିଲେ।

# ପ୍ରଚଣ୍ଡ ରୌଦ୍ରତାପ, ଜନଜୀବନ ଅସ୍ତବ୍ୟସ୍ତ

ସିଂହପୁର,୧୮।୪(ଡି.ଏନ.ଏ.):

ପ୍ରଚଣ୍ଡ ରୌଦ୍ରତାପ ଓ ଗ୍ରୀଷ୍ମ ପ୍ରଭାବ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ତାପମାତ୍ରା ଅହେତୁକ ବୃଦ୍ଧି ଯୋଗୁ ଦିନ ୧୧ଟା ପରେ ଲୋକେ ଘରୁ ବାହାରିବାକୁ ଭୟ କରୁଛନ୍ତି। ତାପମାତ୍ରା ୪୦° ଛୁଇଁଥିବାବେଳେ ଦିନ ଏଗାରଟା ପରଠାରୁ ଖରା ଭୟରେ ରାସ୍ତାଘାଟ ଓ ବଜାର ହାଟ ଜନଶୂନ୍ୟ ହୋଇପଡୁଛି। ମୁଖ୍ୟ ରାସ୍ତା ଖାଁଖାଁ ଲାଗୁଛି। ବିଞ୍ଝାରପୁର ବ୍ଲକର ପ୍ରମୁଖ ବ୍ୟବସାୟୀ କେନ୍ଦ୍ର ସିଂହପୁର ବଜାର ଦିନ ୧୧ଟା ପରେ ବ୍ୟବସାୟୀଙ୍କୁ ଛାଡ଼ିଦେଲେ ସାଧାରଣ ଲୋକଙ୍କ ଦେଖା ମିଳୁନି। ଦିନମଜୁରିଆ ଗ୍ରୀଷ୍ମ ଭୟରେ ଘରୁ ବାହାରି ପରୁନାହାନ୍ତି। କେତେକ ଦିନ ମଜୁରିଆ କାମଧନ୍ଦା କରି ନ ପାରି ପରିବାରୁ ଗୁଜରଣ ମେଣ୍ଟାଇବା ତାଙ୍କ ପାଇଁ କଷ୍ଟକର ହୋଇପଡୁଛି। ଗଡ଼ିଆ ପୋଖରୀ ଶୁଖିଯାଇଥିବାରୁ ଗୃହପାଳିତ ପ୍ରାଣୀ ଶୋଷ ମେଣ୍ଟାଇବା ପାଇଁ ଉହଳବିକଳ ହେଉଛନ୍ତି। ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇଥିଲେ ମଧ୍ୟ ବହୁ ସ୍ଥାନରେ ପଞ୍ଚାୟତ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରାଯାଇନାହିଁ। ଫଳରେ ବାଟୋଇ ପାନୀୟ ଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଏ ଦିଗରେ ପ୍ରଶାସନ ଦୃଷ୍ଟଦେବାକୁ ଦାବି ହୋଇଛି।



ସିଂହପୁର ବଜାର ଜନଶୂନ୍ୟ ହୋଇପଡ଼ିଛି।

# ଛଟେଇ, ନୂତନ ନିଯୁକ୍ତି ନେଇ ଶ୍ରମିକ ସଂଘର ଆନ୍ଦୋଳନ

କାଳିଆପାଣି,୧୮।୪(ଡି.ଏନ.ଏ.):

ଟାଟା ଷ୍ଟିଲ୍ ମାଇନିଂ ଲିମିଟେଡ (ଟିଏସ୍‌ଏମ୍‌ଏଲ୍)ରେ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି, ଟିଏସ୍‌ଏମ୍‌ଏଲ୍‌ର ୩ଟି ଖଣିରେ ୨୦୦ ଲୋଡିଂ ଶ୍ରମିକ ନିଯୁକ୍ତି ଓ ସମ୍ପୃକ୍ତ ଖଣିରେ କାର୍ଯ୍ୟ କରୁଥିବା ଡେକୋ ଏବଂ ମିତ୍ରା ଏସ୍‌କେ ଆଦି ଠିକାଦାର ନିଯୁକ୍ତି ଦେଇଥିବା ବାହାର ଲୋକଙ୍କୁ ହଟାଇ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦେବା ଆଦି ୪ ଦଫା ଦାବି ନେଇ ସୁକିନ୍ଦା ରିଜିଅନ କ୍ରୋମାଇଟ ଖାଦାନ ମଜଦୁର ସଂଘ ରାସ୍ତାକୁ ଓହ୍ଲାଇଛି। ଗତ ୪ ତାରିଖରେ ସଂଘ ପକ୍ଷରୁ ଏ ସମ୍ପର୍କିତ ଏକ ଦାବିପତ୍ର କମ୍ପାନୀ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଥିଲା। ଇତିମଧ୍ୟରେ ୧୫ ଦିନ ବିତିଯାଇଥିଲେ ବି ଦାବିପୂରଣ ଦିଗରେ କମ୍ପାନୀ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେଇନାହାନ୍ତି କିମ୍ବା ସଂଘ ସହ ଆଲୋଚନା ମଧ୍ୟ କରିନାହାନ୍ତି। ଫଳରେ ଏହାକୁ ନେଇ ଶ୍ରମିକ ଓ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ତେଣୁ ଶ୍ରମିକ ସଂଘ ପକ୍ଷରୁ ମଙ୍ଗଳବାର ଏକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ସକାଳୁ ଶତାଧିକ ଶ୍ରମିକ ଟିସ୍କୋ ମେନ୍ ଗେଟ୍ ନିକଟରେ ଏକତ୍ରିତ ହୋଇ ସମାବେଶ କରିଥିଲେ। ଏଥିରେ ଶ୍ରମିକ ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର, ଯୁଗ୍ମ ସାଧାରଣ ସମ୍ପାଦକ ଭରତ ମହାନ୍ତ ଓ ପୂର୍ବତନ ବ୍ଲକ୍ ଅଧକ୍ଷା ଭଗବତୀ ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ପରେ ଶ୍ରମିକମାନେ ଏକ ବାଇକ୍ ଶୋଭାଯାତ୍ରାରେ କାଳିଆପାଣି ଅଞ୍ଚଳ ପରିକ୍ରମା କରି କମ୍ପାନୀର ସାରୁଆବିଲ ଓ କମର୍ଦା ଖଣି ନିକଟରେ ପହଞ୍ଚିଥିଲେ। ଆନ୍ଦୋଳନ ସମୟରେ କର୍ମଚାରୀ ଓ ଶ୍ରମିକମାନେ ବିଜେଡି ଦଳୀୟ ପତାକା ଧରି ସ୍ଲୋଗାନ ଦେଇଥିଲେ। ଏହି ରାଲି ୨ ଦିନ ଧରି ରାଲିବ। ୨୦ ତାରିଖରୁ ଖଣି ଖନନ, ପରିବହନକୁ ସମ୍ପୂର୍ଣ୍ଣ ଠପ୍ କରି ଦିଆଯିବ ବୋଲି ଶ୍ରମିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ କମ୍ପାନୀ ପ୍ରଶାସନିକ ମୁଖ୍ୟ ଗୌତମ ଚକ୍ରବର୍ତ୍ତୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆମେ ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରୁଛୁ।



ଆନ୍ଦୋଳନରେ ସାମିଲ ହୋଇଥିବା ଶ୍ରମିକ ସଂଘର କର୍ମକର୍ତ୍ତା ଓ ଅନ୍ୟମାନେ।

# ସୌଦାମିନୀଙ୍କ ପରିବାରକୁ ମିଳୁନି ଆବାସ

### ଭଙ୍ଗାକୁଡ଼ିଆରେ ବିତୁଛି ଜୀବନ

ବ୍ରହ୍ମବରଦା,୧୮।୪(ଡି.ଏନ୍.ଏ.):

ରସୁଲପୁର ବ୍ଲକ୍ ଅନ୍ତର୍ଗତ ବନ୍ଧଡ଼ିହ ପଞ୍ଚାୟତ ଜୟସିଂହଡ଼ା ଗ୍ରାମର ସୌଦାମିନୀ ସାହାଣୀଙ୍କ ପରିବାରକୁ ମିଳୁନି ଆବାସ ଯୋଜନାରେ ଘରଟିଏ। ଫଳରେ ଏହି ପରିବାର ଭଙ୍ଗାଘରେ ଜରିପାଲ ପକାଇ ବହୁ କଷ୍ଟରେ ରହୁଛନ୍ତି। ସୌଦାମିନୀଙ୍କ ପରିବାର କହିଲେ ସ୍ୱାମୀ ଚିତ୍ତରଞ୍ଜନ ସାହାଣୀ, ୧୦ ବର୍ଷର ପୁଅ ଓ ୧୧ ବର୍ଷର ଝିଅଟିଏ। ଚିତ୍ତରଞ୍ଜନ ଓ ସୌଦାମିନୀ ନିକଟସ୍ଥ ସରକାରୀ ବିଦ୍ୟାଳୟରେ ରୋଷେୟା ଓ ହେଲ୍‌ପର ଭାବରେ କାମକରି ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ଚଳେ। ଅନ୍ୟ ସମୟରେ ଏହି ଦମ୍ପତି ମଜୁରିଆ ଭାବେ କାମ କରନ୍ତି। ବିଦ୍ୟାଳୟରେ ମାସିକ ଯେତିକି ଦରମା ମିଳେ ସେଥିରେ ଘରଟିଏ କରିବା ଦୂରର କଥା, ଘର ଛାଇବା ମଧ୍ୟ ସମ୍ଭବ ହୁଏ ନାହିଁ। ଔଷଧପତ୍ର କିଣିବା ହେଉ ଅବା ପିଲାଙ୍କୁ ପାଠ ପଢ଼ାଇବା ସବୁଥିରେ ବାଧା ଉପୁଜୁଛି। ପାଖପଡ଼ିଶାଙ୍କ ସାହାଯ୍ୟରେ ତାଙ୍କ ଘରଟିକୁ ମରାମତି କରିଥାନ୍ତି। ସରକାରଙ୍କ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ସୌଦାମିନୀଙ୍କ ପରିବାର ଅନେକ ଥର ସରପଞ୍ଚଙ୍କଠାରୁ ଆରମ୍ଭକରି ବ୍ଲକ୍ ପ୍ରଶାସନ ପର୍ଯ୍ୟନ୍ତ କାକୁତି ମିନତି ହୋଇ ନିଜ ଅସହାୟତା ପ୍ରକାଶ କଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ଏହି ବର୍ଷ ସରକାରଙ୍କ ତରଫରୁ ଆସିଥିବା ଆବାସ ଯୋଜନର ଯୋଗ୍ୟ ହିତାଧିକାରୀଙ୍କ ପ୍ରଥମ ତାଲିକାରେ ସୌଦାମିନୀଙ୍କ ନାମ ଥିବାବେଳେ କିପରି ଚୂଡ଼ାନ୍ତ ତାଲିକାରେ ବାଦ୍ ପଡ଼ିଲା ତାହା ରହସ୍ୟ ହୋଇ ରହିଛି। ପଞ୍ଚାୟତର କିଛି ମୁଷ୍ଟିମେୟ ଲୋକ ଚଞ୍ଚକତା କରି ତାଙ୍କ ଘର ହାତେଇ ନେଇଥିବା ଉକ୍ତ ଦମ୍ପତି ପ୍ରକାଶ କରିଛନ୍ତି।

ସରକାରୀ ଯୋଜନା କହିଲେ ରାଶନ କାର୍ଡରେ ୨୦ କି.ଗ୍ରା. ଚାଉଳ ଛଡ଼ା ଅନ୍ୟ କିଛି ନାହିଁ। ତେଣୁ ଏହି ଅସହାୟ ପରିବାରକୁ ସରକାରୀ ସହାୟତା ମିଳିଲେ ସେମାନେ ଉପକୃତ ହେବେ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ବନ୍ଧଡ଼ିହ ସରପଞ୍ଚ ବିକ୍ରମ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ଆମ ପଞ୍ଚାୟତରେ ବହୁ ଯୋଗ୍ୟ ହିତାଧିକରୀ ଆବାସ ଯୋଜନାରୁ ବାଦ୍ ପଡ଼ିଛନ୍ତି। ଆମ୍ଭେ ୱାର୍ଡମେମ୍ବରମାନଙ୍କ ଏକ ମିଟିଂ ଡକାଇ ନିଜ ନିଜ ୱାର୍ଡରେ ବାଦ୍‌ପଡ଼ିଥିବା ଯୋଗ୍ୟ ହିତାଧିକରୀଙ୍କ ଏକ ତାଲିକା ପ୍ରସ୍ତୁତ କରି ବିଡିଓଙ୍କ ଦୃଷ୍ଟିଗୋଚର କରିବୁ। ଏପରିକି କୌଣସି ଯୋଗ୍ୟ ହିତାଧିକାରୀ ଯେପରି ଉକ୍ତ ତାଲିକାରୁ ବାଦ୍ ନ ପଡ଼ନ୍ତି ସେଥିପ୍ରତି ଧ୍ୟାନଦେବୁ ବୋଲି ସେ ପ୍ରକାଶ କରିଛନ୍ତି।



ଆବାସ ଯୋଜନାରୁ ବଞ୍ଚିତ ପରିବାର।

## ବଜରଙ୍ଗବଲିଙ୍କ ୧୦ମ ପ୍ରତିଷ୍ଠା ଉତ୍ସବ

ରାଜନଗର, ୧୮।୪(ଡି.ଏନ.ଏ.) : ରାଜନଗର ବ୍ଲକ ମହିଁଷାସୁର ଗ୍ରାମସ୍ଥିତ ଶ୍ରୀହନୁମାନ ପୂଜା କମିଟି ପକ୍ଷରୁ ବଜରଙ୍ଗବଲି ଦେବଙ୍କ ୧୦ମ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁଙ୍କ ୧୦୮ କଳସ ଶୋଭାଯାତ୍ରା, ଅଙ୍କୁରାରୋପଣ ଏବଂ ବିଶ୍ୱଶାନ୍ତି ଯଜ୍ଞର ଅଗ୍ନି ସ୍ଥାପନ, ସୂର୍ଯ୍ୟପୂଜା, ଗୋମାତା ପୂଜା, ସମୂହ ହନୁମାନ ଚାଳିଶା ପାଠ, ଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ସୁବ୍ରତ ରଥ, ମହେନ୍ଦ୍ର ଶତପଥୀ, ଶୁଭକାନ୍ତ ଶତପଥୀ, ନିରାକାର ଷଡଙ୍ଗୀ, ସତ୍ୟପ୍ରିୟ ପାଣି ପ୍ରମୁଖ ଯଜ୍ଞକାର୍ଯ୍ୟ ସମାପନ କରିଥିଲେ। ଯଜ୍ଞର କର୍ତ୍ତାକର୍ତ୍ତ୍ରୀ ଭାବେ ଦୋଳଗୋବିନ୍ଦ ଜେନା ଓ ତାଙ୍କ ପତ୍ନୀ ସ୍ୱର୍ଣ୍ଣଲତା ରାଉତ କାର୍ଯ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତ୍ରିଲୋଚନ ରାଉତ, ରଞ୍ଜନ ଜେନା, ମନ୍ମଥ ରାଉତ, ପ୍ରକାଶ ତାଡୁ, ମଙ୍ଗୁଳି ଓଝା, ନକୁଳ ଦାସ, ସୁକାନ୍ତ ସାହୁ, ରାଜେନ୍ଦ୍ର ପଡ଼ିହାରୀଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## କୈବର୍ତ୍ତ ସମାଜର ଚୈତ୍ରୋତ୍ସବ

ମାର୍ଶାଘାଇ, ୧୮।୪(ଡି.ଏନ୍.ଏ.): ମାର୍ଶାଘାଇ ବଜାର ଦୁର୍ଗା ମନ୍ଦିର ପରିସରରେ କୈବର୍ତ୍ତ ସମାଜ ପକ୍ଷରୁ ଚୈତ୍ରୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମାର୍ଶାଘାଇ କୈବର୍ତ୍ତ ସମାଜର ସଭାପତି ଉପେନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଶାରଳା ମଣ୍ଡଳ କୈବର୍ତ୍ତ ସମାଜର ସଭାପତି କୈଳାସ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା କୈବର୍ତ୍ତ ସମାଜର ସଂଯୋଜକ ବିଷ୍ଣୁ ଚରଣ ବେହେରା, ମୁଖ୍ୟବକ୍ତା ଭାବେ ଅଧାପକ ଅଶୋକ କୁମାର ବେହେରା, ବାସୁଦେବ ବେହେରା, ତାଳସଙ୍ଗା ସରପଞ୍ଚ ଅଶାନ୍ତି ସ୍ୱାଇଁ, ପଦ୍ମପୁର ସରପଞ୍ଚ ଅନସୂୟା ବେହେରା, ସମିତି ସଭ୍ୟ ସଞ୍ଜୟ ବେହେରା, ଦିଲୀପ ମହାପାତ୍ର. ମନୋରଞ୍ଜନ ବେହେରା ଓ ଗୋପୀନାଥ ବେହେରା ଯୋଗ ଦେଇଥିଲେ। ସେମାନେ ଭାରତୀୟ ସଂସ୍କୃତି, ପରମ୍ପରାରେ ଏହି ଜାତିର ଏକ ସ୍ୱତନ୍ତ୍ରତା ରହିଛି, ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମା' ବାସୁଳେଇଙ୍କ ପୂଜାର୍ଚ୍ଚନା କରାଯିବା ସହ ଘୋଡ଼ା ନାଚର ଆୟୋଜନ କରାଯାଇଥିଲା।

## ନୃସିଂହ ସାର୍‌ଙ୍କୁ ଶ୍ରଦ୍ଧାଞ୍ଜଳି

ରାଜନଗର, ୧୮।୪(ଡି.ଏନ୍.ଏ.) : ରାଜନଗର-ପଟ୍ଟାମୁଣ୍ଡାଇ ଅଞ୍ଚଳର ସୁନାମଧନ୍ୟ ଶିକ୍ଷକ ନୃସିଂହ ଦାଶଙ୍କ ଦ୍ୱାଦଶାହ ତିଥିରେ ତାଙ୍କ ଜନ୍ମମାଟି ସଂସାରଫଳ ଗାଁରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଭାସ୍କର ରାଉତରାୟଙ୍କ ସଂଯୋଜନାରେ ମଙ୍ଗଳବାର ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପ୍ରଫେସର ଡ. ରବୀନ୍ଦ୍ର କୁମାର ଦାଶ, ଜିଲା ପରିଷଦ ସଦସ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଶିକ୍ଷାବିତ୍ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସମ୍ପାଦକ ବିଜୟ କୁମାର ଜେନା, ସଭାପତି କୃପାସିନ୍ଧୁ ସାମଲ, ବରିଷ୍ଠ ଅଭିନେତା ଦିବାକର ଜେନା, ପ୍ରଫେସର ବିଜୟ କୁମାର ମହାନ୍ତି, ପ୍ରଫେସର ସୁଶାନ୍ତ କୁମାର କୁଣ୍ଡ, ପ୍ରାଧ୍ୟାପକ ଭଗବତୀ ନାୟକ, ଆଇନଜୀବୀ ସୁରେଶ ଚନ୍ଦ୍ର ନରେନ୍ଦ୍ର, ଅଧ୍ୟକ୍ଷ ଅଭିନ୍ନ ସୁନ୍ଦର ସ୍ୱାଇଁ, ପ୍ରାଧ୍ୟାପିକା ତନୁଶ୍ରୀ ମିଶ୍ର, ସମିତିସଭ୍ୟ ସୁରେଶ ଜେନା, ସରପଞ୍ଚ ଅନିଲ ଲେଙ୍କା, ସରପଞ୍ଚ ଦମୟନ୍ତୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଏଥିସହ ଅମରଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶିକ୍ଷକ ପୁତ୍ର ଅଶୋକ, ଅମର, ଅରୁଣ, ଅସୀମ, ସୁଶାନ୍ତ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

# ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ଜୋର ଧରିଲା

ପଟ୍ଟାମୁଣ୍ଡାଇ,୧୮।୪(ସ୍ୱ.ପ୍ର.)

**ପଟ୍ଟାମୁଣ୍ଡାଇ ରାଜସ୍ୱ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦୀର୍ଘ ୧୬ ବର୍ଷ ହେଲା ଆନ୍ଦୋଳନ, ଧାରଣା, ଅନଶନ ଜାରି ରହିଛି। ଏବେ ସବ୍‌ଡିଭିଜନ ଦାବି ପ୍ରତି ଦଳମତ ନିର୍ବିଶେଷରେ ବିଭିନ୍ନ ମହଲରେ ବିପୁଳ ଜନସମର୍ଥନ ପ୍ରକାଶ ପାଇଛି। ଏଥିପାଇଁ ରାଜ୍ୟ ସରକାରଙ୍କୁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଘୋଷଣା କରିବାକୁ ସମସ୍ତ ଭିତ୍ତିଭୂମି ରହିଥିବା ସମ୍ପର୍କରେ କାଗଜପତ୍ର ପ୍ରଦାନ କରାଯାଇଛି।**

### ପଟ୍ଟାମୁଣ୍ଡାଇ ସ୍ୱାର୍ଥ ସହ ସାଲିସ କରାଯିବ ନାହିଁ

ସୀମା ପୁନଃ ନିର୍ଦ୍ଧାରଣ ପରେ ଓଡ଼ିଶାର ଅନ୍ୟତମ ପ୍ରମୁଖ ସଂରକ୍ଷିତ ଆସନ ପଟ୍ଟାମୁଣ୍ଡାଇ ନିର୍ବାଚନ ମଣ୍ଡଳୀ ଓଡ଼ିଶା ରାଜନୈତିକ ମାନଚିତ୍ରରୁ ନିଶ୍ଚିହ୍ନ ହେଲା। ପରେ ଅଞ୍ଚଳବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନ ଭୂଲୁଣ୍ଠିତ ହୋଇଛି। ପଟ୍ଟାମୁଣ୍ଡାଇବାସୀଙ୍କ ସ୍ୱାର୍ଥ ଓ ସ୍ୱାଭିମାନର ସୁରକ୍ଷା ପାଇଁ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଏକମାତ୍ର ମହୌଷଧୀ ହୋଇଥିବାରୁ ଏହି ସ୍ୱାର୍ଥ ସହିତ କୌଣସି ପରିସ୍ଥିତିରେ ସାଲିସ କରାଯିବ ନାହିଁ ।

– **ପ୍ରଫୁଲ୍ଲ ଦାଶ,** ସାମାଜିକ କର୍ମୀ

### ପଟ୍ଟାମୁଣ୍ଡାଇକୁ ବାଦ୍ ଦେଲେ ବିରୋଧ କରାଯିବ

କେନ୍ଦ୍ରାପଡ଼ା ଜିଲାର ୨ୟ ବୃହତମ ସହର ତଥା ଅଘୋଷିତ ସବ୍‌ଡିଭିଜନ ଭାବରେ ପରିଚିତ ପଟ୍ଟାମୁଣ୍ଡାଇକୁ ବାଦ ଦେଇ କୌଣସି ବିଚାରବିମର୍ଶ କରାଗଲେ ବିଭିନ୍ନ ମହଲରେ କଡା ବିରୋଧ କରାଯିବ। ପଟ୍ଟାମୁଣ୍ଡାଇଠାରେ ଜିଲା କୃଷି କେନ୍ଦ୍ର, ଜଳସେଚନ ସବ୍‌ଡିଭିଜନ କାର୍ଯ୍ୟାଳୟ, ଉପଖଣ୍ଡସ୍ତରୀୟ ପାଣି ପରୀକ୍ଷା କେନ୍ଦ୍ର, ଆଦର୍ଶ ଥାନା, ଗ୍ରାମାଞ୍ଚଳ ଥାନା, ସବ୍‌ଡିଭିଜନାଲ ପୋଲିସ ଅଫିସ ଓ ପୂର୍ତ୍ତ ବିଭାଗର ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟ, ୫ଟି ମହାବିଦ୍ୟାଳୟ, ବହୁ ଜାତୀୟକରଣ ବ୍ୟାଙ୍କ ସହ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟ, ସବ୍‌ଜଜ୍ କୋର୍ଟ, ପଟ୍ଟାମୁଣ୍ଡାଇ ଡିଭିଜନାଲ ବିଦ୍ୟୁତ କେନ୍ଦ୍ର ଓ ବିଭିନ୍ନ ସରକାରୀ ଦପ୍ତରମାନ ଥିବାରୁ ପଟ୍ଟମୁଣ୍ଡାଇରେ ସବ୍‌ଡିଭିଜନ ପ୍ରତିଷ୍ଠା ପାଇଁ ସମସ୍ତ ଭିତ୍ତିଭୂମି ରହିଛି।

– **ସୁଶୀଲ ଦାଶ,** ଆଇନଜୀବୀ

### ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ମାନ୍ୟତା ପାଇଁ ଅବହେଳା

ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକ ୧୯୯୩ରେ ୩୦ ଜିଲା ଗଠନ ସମୟରେ ପଟ୍ଟାମୁଣ୍ଡାଇବାସୀଙ୍କୁ କଥା ଦେଇଥିଲେ ଯେ ଖୁବ୍‌ଶୀଘ୍ର ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନ ଘୋଷଣା କରାଯିବ। ଆଜି ପର୍ଯ୍ୟନ୍ତ ଏହା କଥାରେ ହିଁ ରହିଯାଇଛି। କେବଳ ଆଶ୍ୱାସନା ଓ ପ୍ରତିଶ୍ରୁତି ରାଜ୍ୟ ସରକାର ଦେଇ ଆସୁଛନ୍ତି। ଏପରିକି ବିଧାନସଭାରେ ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ବିଷୟ ବାରମ୍ବାର ଉତ୍ଥାପନରେ ସରକାର ଗୋଟିଏ କଥା ସ୍ପଷ୍ଟ କରୁଛନ୍ତି ଯେ ପଟ୍ଟାମୁଣ୍ଡାଇକୁ ଗୁରୁତ୍ୱ ସହକାରେ ବିଚାର କରି ସବ୍‌ଡିଭିଜନ ଘୋଷାଣ ସମୟରେ ଅଗ୍ରାଧିକାର ଦିଆଯିବ। ସରକାରଙ୍କ ଏହି ପ୍ରତିଶ୍ରୁତିକୁ ସମ୍ମାନ ଦେଇ ଅଞ୍ଚଳବାସୀ ଅପେକ୍ଷା କରି ରହିଛନ୍ତି। କିନ୍ତୁ ଏହା ଭିତରେ ଅନେକ ଦିନ ବିତି ଯାଇଥିଲେ ମଧ୍ୟ ସରକାର କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଅନ୍ୟପକ୍ଷରେ ହାଇକୋର୍ଟରେ ଏକ ମାମଲା ଡବ୍ଲୁପିସି ୧୧୮୯/୨୦୧୮ ହୋଇଥିଲା। ଯେଉଁଥିରେ ଉଚ୍ଚ ନ୍ୟାୟାଳୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କି ସରକାର ସବ୍‌ଡିଭିଜନ ଘୋଷାଣ କଲେ ପଟ୍ଟାମୁଣ୍ଡାଇକୁ ଅଗ୍ରାଧିକାର ଭିତ୍ତିରେ ବିଚାର କରି ନିଷ୍ପତ୍ତି ଗ୍ରହଣ କରିବେ। ପଟ୍ଟାମୁଣ୍ଡାଇରେ ସବ୍‌ଡିଭିଜନର ସମସ୍ତ ଭିତ୍ତିଭୂମିର କାଗଜପତ୍ରକୁ ହାଇକୋର୍ଟ ବିଚାରପତି ତର୍ଜମା କରି ଆଶ୍ଚର୍ଯ୍ୟ ପ୍ରକଟ ମଧ୍ୟ କରିଥିଲେ।

– **କ୍ଷୀରୋଦ ପ୍ରଧାନ,** ଆଇନଜୀବୀ

### ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ବୈଠକ ଆହ୍ୱାନ

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ନେଇ ଦଳମତ ନିର୍ବିଶେଷରେ ବିଭିନ୍ନ ମହଲରେ ବ୍ୟାପକ ଜନସମର୍ଥନ ହାସଲ କରିବା ଉଦ୍ଦେଶ୍ୟରେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ ପକ୍ଷରୁ ଏକ ବୈଠକ ଆହ୍ୱାନ କରାଯାଇଛି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ନେଇ ଦୀର୍ଘ ୧୬ବର୍ଷ ଧରି ଆନ୍ଦୋଳନ ଚଳାଇ ଆସିଥିବା ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ ପରିଷଦ, ସମସ୍ତ ଗଣ ସଙ୍ଗଠନ, ସାମାଜିକ ସଙ୍ଗଠନ, ବରିଷ୍ଠ ନାଗରିକ ଓ ବୁଦ୍ଧିଜୀବୀଙ୍କୁ ନେଇ ଏକ ମହାଅଭିଯାନ ହେବ। ବୈଠକର ନିଷ୍ପତ୍ତି ଅନୁଯାୟୀ, ସବ୍‌ଡିଭିଜନ ଦାବିକୁ ନେଇ ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ।

– **ବିଜୟ କେତନ ସ୍ୱାଇଁ,** ବରିଷ୍ଠ ରାଜନେତା

### ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପାଇଁ ସରକାର ଅଙ୍ଗୀକାରବଦ୍ଧ

ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ଦାବି ପ୍ରତି ବିଜେଡି ସରକାର ବିଶେଷ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସକାରାତ୍ମକ ମନୋଭାବ ପୋଷଣ କରିଛନ୍ତି। ପଟ୍ଟାମୁଣ୍ଡାଇ ସବ୍‌ଡିଭିଜନ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଅଙ୍ଗୀକାରବଦ୍ଧ। ଏ ନେଇ କୌଣସି ସନ୍ଦେହର ଅବକାଶ ନାହିଁ।

– **ତାପସ ଦାସ,** ପଟ୍ଟାମୁଣ୍ଡାଇର ପୂର୍ବତନ ବିଧାୟକ

# ମନ୍ କି ବାତ୍ ସଂସ୍କରଣ ପାଇଁ ପ୍ରସ୍ତୁତି ବୈଠକ




ବୈଠକରେ ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଓ ନେତାମାନେ।

କେନ୍ଦ୍ରାପଡ଼ା ଅଫିସ, ୧୮।୪

ଆସନ୍ତା ୩୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦୦ତମ ମନ କି ବାତ ସଂସ୍କରଣ ପ୍ରସାରଣ ହେବ। ଏହାକୁ କେନ୍ଦ୍ରାପଡ଼ା ଜିଲାରେ ପ୍ରଚାର ଓ ପ୍ରସାର ପାଇଁ ଜିଲା ଭାଜପା ପକ୍ଷରୁ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କିଶୋର ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଯୋଗ ଦେଇଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ପଣ୍ଡା କହିଥିଲେ ଯେ, କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରଣୟନ କରି ଲୋକଙ୍କ ସେବା କରୁଛନ୍ତି। ତେବେ ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ଏହି ଯୋଜନାର ସୁଫଳ ତୃଣମୂଳସ୍ତରରେ ପହଞ୍ଚି ପାରୁନାହିଁ। ଲୋକାଭିମୁଖୀ କାର୍ଯ୍ୟକ୍ରମକୁ ପ୍ରତି ଘରେ ପହଞ୍ଚାଇବା ପାଇଁ ଜିଲା ଭାଜପାର ସମସ୍ତ ସଦସ୍ୟ ସଙ୍ଗଠିତ ହେବା ଆବଶ୍ୟକ। ଆସନ୍ତ ୩୦ର ମନ କି ବାତ ସଂସ୍କରଣକୁ ସୁଦୂରପ୍ରସାରୀ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପାର ବରିଷ୍ଠ ନେତା ଭୂବନ ମୋହନ ଜେନା, ଦୋଳଗୋବିନ୍ଦ ନାୟକ, ଦୁର୍ଯ୍ୟୋଧନ ସାହୁ, ସୁନାକର ବେହେରା, ଅଭିମନ୍ୟୁ ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇଥିଲେ।

# ମାର୍କେଟ୍ ପାଲଟିଛି ଖେଳପଡ଼ିଆ

ରାଜକନିକା, ୧୮।୪(ଡି.ଏନ.ଏ.)

**ଓଳାଭର ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିଘା ନାହିଁ**

ଓଳାଭର ମହାବିଦ୍ୟାଳୟର ନିଜସ୍ୱ ଖେଳପଡ଼ିଆ ଉପରେ କର୍ତ୍ତୃପକ୍ଷଙ୍କ କର୍ତ୍ତୃତ୍ୱ ରହୁନାହିଁ ଦିନକୁଦିନ ଖେଳପଡିଆ ସଙ୍କୁଚିତ ହେବାରେ ଲାଗିଛି। ଛାତ୍ରୀଛାତ୍ରଙ୍କ ସ୍ୱାର୍ଥଦୃଷ୍ଟିରୁ ଏହି ପଡ଼ିଆର ରକ୍ଷଣାବେକ୍ଷଣ ଦିଗରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଆନ୍ତରିକତା ଦେଖାଉ ନାହାନ୍ତି। ଖେଳପଡ଼ିଆର ଉନ୍ନତି ପାଇଁ ସାଧାରଣରେ ଦାବି ହେଉଛି। ଏହି ଖେଳପଡ଼ିଆରେ ବିଭିନ୍ନ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା, ଆଧ୍ୟାତ୍ମିକ ସଭା, ଓଳାଭର କାଳୀପୂଜା, ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ହୋଇଥାଏ। ଯଦି ପଡ଼ିଆର ରୂପରେଖ ଏମିତି ହୁଏ ତେବେ ଆଗାମୀ ଦିନରେ କେମିତି କାର୍ଯ୍ୟକ୍ରମ ହେବ ସେ ନେଇ ଅଞ୍ଚଳବାସୀ ଚିନ୍ତା ପ୍ରକଟ କରିଛନ୍ତି। ସବୁଠାରୁ ବଡ କଥା କେନ୍ଦ୍ରାପଡା ଜିଲାର ସର୍ବ ବୃହତ ଓ ସର୍ବ ପୁରାତନ ଓଳାଭର କାଳୀପୂଜା ପାଇଁ ବିଭିନ୍ନ କାର୍ଯ୍ୟାକ୍ରମ ଏହି ପଡ଼ିଆରେ ଅନୁଷ୍ଠିତ ହୋଇଥାଏ। ଏହା ଏକମାତ୍ର ପଡିଆ ଯେଉଁଠି ସ୍କୁଲଠାରୁ କଲେଜ ଛାତ୍ରୀଛାତ୍ରଙ୍କ ଖେଳ ପାଇଁ ଉଦ୍ଦିଷ୍ଟ। କଲେଜ ସମ୍ମୁଖ ଖେଳପଡ଼ିଆରେ ବ୍ୟବସାୟୀମାନେ ଦୋକାନ ଖୋଲି ଏହାକୁ ଅକ୍ତିଆରକୁ ନେଇଗଲେଣି। ଏହା ଏକ ମାର୍କେଟରେ ପରିଣତ ହୋଇଗଲାଣି। କଲେଜ କର୍ତ୍ତୃପକ୍ଷ ସବୁ ଜାଣି ମଧ୍ୟ ପଡ଼ିଆ ଉପରେ ଦୃଷ୍ଟି ନ ଦେବାରୁ ସାଧାରଣରେ ଚର୍ଚ୍ଚା ଯୋର ଧରିଛି। ଏ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷା ନିରୁପମା ବଳଙ୍କୁ ପଚାରିବାରେ ପଡ଼ିଆରେ ଦୋକାନ ଖୋଲିଥିବା ବ୍ୟବସାୟୀମାନଙ୍କୁ ଜାଗା ଖାଲି କରିବାକୁ ବାରମ୍ବାର ନୋଟିସ କଲାପରେ ମଧ୍ୟ ସେମାନେ ଛାଡୁନାହାନ୍ତି। ଏ ନେଇ ଉପଜିଲାପାଳଙ୍କୁ ଅବଗତ କରାଇ ଖୁବ୍‌ଶୀଘ୍ର ଅବରୋଧକାରୀଙ୍କ ବିରୋଧରେ ଥାନାର ଦ୍ୱାରସ୍ଥ ହେବୁ ବୋଲି ସେ କହିଛନ୍ତି।

## ବିଜୁବାବୁଙ୍କ ସ୍ୱପ୍ନ ଥିଲା ଆଧୁନିକ ଓଡ଼ିଶାର ବିକାଶ

ପଟ୍ଟାମୁଣ୍ଡାଇ ୧୮।୪(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ସ୍ଥାନୀୟ ହରପାର୍ବତୀ ମନ୍ଦିରଠାରେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ କହିଛନ୍ତି, ବିଜୁବାବୁ ପ୍ରତିନିଧିତ୍ୱ କରିଥିବା ରାଜନଗର ଆସନରେ ଜନସାଧାରଣଙ୍କ ଆଶୀର୍ବାଦରୁ ବିଧାୟକ ହେବାର ସୌଭାଗ୍ୟ ମିଳିଛି। ବିଜୁବାବୁଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୀର୍ବାଦରେ ପଟ୍ଟାମୁଣ୍ଡାଇ-ରାଜନଗର ବିକାଶ କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି। ବିଜୁବାବୁଙ୍କ ସ୍ୱପ୍ନ ଥିଲା ଆଧୁନିକ ଓଡ଼ିଶାର ବିକାଶ। ଓଡ଼ିଶା ବିକାଶର ଜନନାୟକ ବିଜୁବାବୁଙ୍କୁ ମରଣୋତ୍ତର ଭାରତରତ୍ନ ପ୍ରଦାନ କରିବାକୁ କେନ୍ଦ୍ର ସରକାରଙ୍କ ନିକଟରେ ସେ ଦାବି କରିଥିଲେ। ଏହି ସଭାରେ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ପୌର ପରିଷଦ ଅଧ୍ୟକ୍ଷ ହେମନ୍ତ ସାହୁ, ବ୍ଲକ ଉପାଧ୍ୟକ୍ଷ ଜୟନ୍ତୀ ସ୍ୱାଇଁ, ନଗର ବିଜେଡି ସଭାପତି ବୁଢ଼ା ଲେଙ୍କା, ଜିଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଦଳିତ ସେଲ୍ ପ୍ରାକ୍ତନ ସଭାପତି ବାରେଣୀ ସେଠୀ, ବ୍ଲକ ବିଜେଡି ଉପସଭାପତି ସୁବାସ ଦାଶ ଓ ଅରକ୍ଷିତ ସାହୁ, କାଉନ୍‌ସିଲର ଗୋପୀବଲ୍ଲଭ ନାୟକ ଓ ଲାସ୍ୟମୟୀ ସାହୁ, କାଉନ୍‌ସିଲର ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଭାଷଣ ଦେଇ ବିଜୁବାବୁଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସୋମବାର ସନ୍ଧ୍ୟାରେ ୧୯ କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇର ଟ୍ରାଫିକ ସମସ୍ୟା ଦୂର ପାଇଁ ନୂତନ ବାଇପାସ୍ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ, ପୌରପରିଷଦର ସମସ୍ତ ନିର୍ବାଚିତ ପ୍ରତିନିଧି, ଛାମୁଆ ବିଜେଡି କର୍ମୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ କର୍ମୀମାନେ ଯୋଗଦେଇଥିଲେ।

## ୨୦ରେ ୫-ଟି ସଚିବଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡ଼ା ଅଫିସ, ୧୮।୪

ଆସନ୍ତା ୨୦ ତାରିଖରେ ରାଜ୍ୟ ସରକାରଙ୍କ ୫-ଟି ସଚିବ ଭି.କେ. ପାଣ୍ଡିଆନ କେନ୍ଦ୍ରାପଡ଼ା ଜିଲା ଗସ୍ତ କରିବେ। ଅପରାହ୍ନ ୩ଟାରେ ପହଞ୍ଚି ଡେରାବିଶ ବ୍ଲକ ଗୋଲରହାଟସ୍ଥିତ ମିଶନ ଶକ୍ତି କାର୍ଯ୍ୟକ୍ରମରେ ସାମିଲ ହେବା ସହ ସ୍ଥାନୀୟ ଦଧିବାମନଜୀଉ ମନ୍ଦିରର ଉନ୍ନତି ସମ୍ପର୍କରେ ଆଲୋଚନା କରିବେ। ସେହିପରି ସହରର ଶାମଗୁଡିଆସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଉନ୍ନତିକରଣ ସମ୍ପର୍କରେ ଆଲୋଚନା ପରେ ଜମପଡ଼ା ଓ ମାହାଳ ମନ୍ଦିର ଉନ୍ନତିକରଣ ସମ୍ପର୍କରେ ଜିଲା ପ୍ରଶାସନ ସହିତ ଆଲୋଚନା କରିବେ। ୨୧ ତାରିଖରେ ଆଳି, ରାଜକନିକା, ପଟ୍ଟାମୁଣ୍ଡାଇ ଓ ରାଜନଗର ବ୍ଲକ ଅଞ୍ଚଳର ବିଭିନ୍ନ ପ୍ରକଳ୍ପର ସମୀକ୍ଷା ୫-ଟି ସଚିବ ପାଣ୍ଡିଆନ କରିବେ ବୋଲି ସୂଚନା ମିଳିଛି।

## ହଂସୁଆ କଳା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ଅତିଥିମାନେ କଳାକାରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ରାଜନଗର, ୧୮।୪(ଡି.ଏନ୍.ଏ.)

ରାଜନଗର ବ୍ଲକ ହଂସୁଆ କଳା ପ୍ରତିଷ୍ଠାନର ୯ମ ବାର୍ଷିକ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ଭାସ୍କର ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଳା ପ୍ରତିଷ୍ଠାନର ସଭାପତି କବି ପ୍ରମୋଦ କୁମାର ସେଠୀ ସଂଯୋଜନା କରିଥିଲେ। ମୁଖ୍ୟଅତିଥି ଭାବେ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଯୋଗଦେଇ କଳା, ସାହିତ୍ୟ ଓ ସଂସ୍କୃତିର ସମନ୍ୱୟରେ ଗୋଟିଏ ଅଞ୍ଚଳ ବା ମାଟିର ଗୌରବ ବୃଦ୍ଧି ପାଇଥାଏ ଓ ସେ ମାଟିର ପରିଚୟ ସାରା ବିଶ୍ୱକୁ ବ୍ୟାପିଥାଏ। ତେଣୁ ରାଜନଗର ସାତଭାୟାର ପଞ୍ଚୁବରାହୀ ମନ୍ଦିର ଇତିହାସର ୫ ହଜାର ବର୍ଷ ତଳୁ କିମ୍ବଦନ୍ତୀ ହୋଇ ରହିଛି। ଓଡ଼ିଶାର ବିଶିଷ୍ଟ ବ୍ୟଙ୍ଗ କବି ବାଇଧର ମାଝି ମୁଖ୍ୟବକ୍ତା ଓ ଆକାଶବାଣୀ କଟକ କେନ୍ଦ୍ରର ବିଶିଷ୍ଟ ତବଲାବାଦକ ଅମୃତ ରଞ୍ଜନ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖବରଦାତା ଜଗନ୍ନାଥ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଶତ୍ରୁଘ୍ନ ତରାଇ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବାଇଧର ମାଝି, ଚିତ୍ରଶିଳ୍ପୀ ଦେବେନ୍ଦ୍ର ରାଉଳ, ନୃତ୍ୟଶିଳ୍ପୀ ସସ୍ମିତା କଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ଚିତ୍ରଶିଳ୍ପୀ ଶ୍ରୀକାନ୍ତ କୁମାର ଦାସ ତାଙ୍କର ଚିତ୍ରକଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମକୁ ସଙ୍ଗୀତ ଗୁରୁ ମନୋଜ ଦାଶ, ବାଦ୍ୟଗୁରୁ ବାଲ୍ମୀକି ଜେନା, ଚିତ୍ରଗୁରୁ କଳ୍ପତରୁ ଖଣ୍ଡୁଆଳ, ନୃତ୍ୟଗୁରୁ ବିଶ୍ୱମୋହିନୀ ଦାସ, ସଚିନ ଦାସ, ବିନୋରୀ ଜେନା, ଗୌତମ ରାଉତ, ବିଶ୍ୱଜିତ କୁଣ୍ଡ, ମଧୁସ୍ମିତା ସିୟ, ରୀତା ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## କେସିସିଏଲ୍ ପକ୍ଷରୁ ଇଫ୍‌ତାର ପାର୍ଟି



ଇଫ୍‌ତାର ପାର୍ଟିରେ ଉପସ୍ଥିତ ଅତିଥିମାନେ।

କେନ୍ଦ୍ରାପଡ଼ା ଅଫିସ, ୧୮।୪

କେନ୍ଦ୍ରାପଡ଼ା କ୍ରେଡିଟ କୋପରେଟିଭ ସୋସାଇଟି ଲିମିଟେଡ୍ (କେସିସିଏଲ୍) ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ମୁଖ୍ୟ ଦପ୍ତର ପରିସରରେ ଏକ ଇଫ୍‌ତାର ପାର୍ଟି ଆୟୋଜିତ ହୋଇଯାଇଛି। ସୋସାଇଟିର ସଭାପତି ପ୍ରମୋଦ ସାହୁ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସୋସାଇଟିରେ କାର୍ଯ୍ୟରତ ଉଭୟ ସମ୍ପ୍ରଦାୟର କର୍ମଚାରୀ, ଏଜେଣ୍ଟ ବନ୍ଧୁମାନଙ୍କ ମଧ୍ୟରେ ଏକ ସୁସ୍ଥ ବାତାବରଣ ଓ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପ୍ରତିବର୍ଷ ଏଭଳି ପାର୍ଟିର ଆୟୋଜନ କରାଯାଉଛି। ସମସ୍ତେ ଉତ୍ତମ ବୁଝାମଣା ରକ୍ଷା ସହ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବାକୁ ପରାମର୍ଶ ଦେଇଥିଲେ। ସୋସାଇଟିର ସମ୍ପାଦକ ପ୍ରହ୍ଲାଦ ସାହୁ, ଅତିରିକ୍ତ ସମ୍ପାଦକ ଅରବିନ୍ଦ ସାହୁ, ସାଧାରଣ ପରିଚାଳକ ମନୋଜ ସାହୁ, ମୁଖ୍ୟ ଶାଖାର ବରିଷ୍ଠ ପରିଚାଳକ ରମେଶ ସେଠୀ, ପରିଚାଳିକା ସନ୍ତୋଷୀ ସାମଲ, ମୁଖ୍ୟ ଶାଖା ପରିଚାଳକ ଅରୁଣ ଡାଲି, ଆକାଉଣ୍ଟାଟ ଦେବାଶିଷ ପାଇକରାୟ, ବରିଷ୍ଠ ପରିଚାଳକ ସୁପ୍ରିୟା ରାଉତ, ଲ' ଅଫିସର ବିଜୟକେତନ ଦାସ, କର୍ମଚାରୀ ମୀର ଇମ୍ରାନ, ସେକ ଜବାର, ସେକ ରାଜା, ଅଜଗର ଅଲ୍ଲୀଙ୍କ ସମେତ ଶତାଧିକ କର୍ମଚାରୀ ଓ ଏଜେଣ୍ଟ ପ୍ରମୁଖ ଏହି ଇଫ୍‌ତାର ପାର୍ଟିରେ ଉପସ୍ଥିତ ଥିଲେ।

# ବିଡିଓଙ୍କୁ ନିଲମ୍ବନ ସହ ଗିରଫ ଦାବି

ଜଗତ୍‌ସିଂହପୁର ଅଫିସ, ୧୮।୪

- ଅଭିଯୋଗକାରୀଙ୍କ ଓକିଲଙ୍କୁ ଥାନାରେ ପିଟିବାକୁ ବିଡିଓଙ୍କ ଧମକ ମାମଲା
- ନ୍ୟାୟ ନ ମିଳିଲେ କୋର୍ଟର ଆଶ୍ରୟ ନେବାକୁ ଚେତାବନୀ
- ଦଳିତ ଅଭିଯୋଗକାରୀଙ୍କ ଜାତିକୁ ନେଇ ଆକ୍ଷେପ

ଜଗତ୍‌ସିଂହପୁର ବିଡିଓ ସାଗର ନନ୍ଦଙ୍କ ପାଇଁ ଦିନକୁ ଦିନ ଅଡୁଆ ବଢ଼ିବାରେ ଲାଗିଛି। ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ସଭାମୂଳ ଟିଟିଗାଁର ଦେବେନ୍ଦ୍ର ଦାସ (୪୨) ନାମକ ବ୍ୟକ୍ତିଙ୍କ ଜାତିକୁ ନେଇ ବିଡିଓ ନନ୍ଦ ଆକ୍ଷେପ କରିବା ସହ ତାଙ୍କ ଓକିଲ ଶକ୍ତିଧର ମିଶ୍ରଙ୍କୁ ଦୁର୍ବ୍ୟବହାର କରିଥିବା ସମ୍ପର୍କିତ ଅଭିଯୋଗ ପରେ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଅଭିଯୋଗକାରୀ ଦାସ ଓ ତାଙ୍କ ଓକିଲ ମିଶ୍ର ମଙ୍ଗଳବାର ଖବରଦାତା ସମ୍ମିଳନୀରେ ନ୍ୟାୟ ମିଳିବାରେ ବିଳମ୍ବକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେମାନେ କହିଛନ୍ତି, ଏ ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ଏସ୍‌ପି, ଜିଲାପାଳ ଓ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଯାଇ ନ୍ୟାୟ ଭିକ୍ଷା କରାଯାଇଛି। କିନ୍ତୁ ଏ ପର୍ଯ୍ୟନ୍ତ ପୋଲିସ ଓ ପ୍ରଶାସନିକସ୍ତରରେ ସେମାନଙ୍କୁ ନ୍ୟାୟ ଦିଆଯାଇପାରିନାହିଁ। ବିଡିଓ ନନ୍ଦ ଉତ୍‌କ୍ଷିପ୍ତ ହୋଇ ସର୍ବସାଧାରଣଙ୍କ ସମ୍ମୁଖରେ ଓକିଲ ମିଶ୍ରଙ୍କୁ ଥାନାରେ ଚଡ଼ି ଖୋଲି ବାଡ଼େଇବା ଭଳି ଭାଷା ପ୍ରୟୋଗ କରିବା ସତ୍ତ୍ୱେ ତାଙ୍କ ବିରୋଧରେ ଏଯାଏ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ଯନ୍ତ୍ରଣାଦାୟକ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ଆଉ ୩ ରୁ୪ ଦିନ ଭିତରେ ବିଡିଓ ନନ୍ଦଙ୍କୁ ଗିରଫ ସହ କାର୍ଯ୍ୟରୁ ନିଲମ୍ବନ କରା ନ ଗଲେ ବାଧ ହୋଇ ସେମାନେ ନ୍ୟାୟାଳୟର ଆଶ୍ରୟ ନେବେ ବୋଲି ଓକିଲ ମିଶ୍ର ଓ ଆବେଦନକାରୀ ଦାସ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି।

ଖବରଦାତା ସମ୍ମିଳନୀରେ ଅଭିଯୋଗକାରୀ ଦାସ କହିଛନ୍ତି, ୯।୧।୨୩ରେ ସୂଚନା ଅଧିକାର ଆଇନ ବଳରେ ଜଗତ୍‌ସିଂହପୁର ବ୍ଲକ ଜନ ସୂଚନା ଅଧିକାରୀଙ୍କ ନିକଟରେ ତାଙ୍କ ପଞ୍ଚାୟତରେ କରାଯାଇଥିବା ଅମୃତ ସରୋବର ଉପରେ କେତେକ ସୂଚନା ଦେବାକୁ ଆବେଦନ କରିଥିଲେ। କିନ୍ତୁ ତାଙ୍କୁ ଧାର୍ଯ୍ୟ ସମୟ ମଧ୍ୟରେ ସୂଚନା ଦିଆଯାଇ ନ ଥିଲା। ଏହାସତ୍ତ୍ୱେ ସୂଚନା ପାଇବା ପାଇଁ ସେ ବାରମ୍ବାର ଜନସୂଚନା ଅଧିକାରୀଙ୍କୁ ସାକ୍ଷାତ କରି ଅନୁରୋଧ କରିଥିଲେ। ପୂର୍ଣ୍ଣ ସୂଚନା ମିଳିବାରେ ବିଳମ୍ବ ହେବାରୁ ବାଧହୋଇ ପ୍ରଥମ ଅପିଲେଟ୍ କର୍ତ୍ତୃପକ୍ଷ ତଥା ଜଗତ୍‌ସିଂହପୁର ବିଡିଓଙ୍କ ନିକଟରେ ଅପିଲ କରିଥିଲେ। ପ୍ରଥମ ଅପିଲେଟ୍ କର୍ତ୍ତୃପକ୍ଷ ତାଙ୍କ କାର୍ଯ୍ୟାଳୟ ଚିଠି ସଂଖ୍ୟା ୮୩୬/୨୮।୩।୨୩ରେ ୧୩।୪।୨୩ ସକାଳ ୧୧ଟାରେ ଶୁଣାଣି ପାଇଁ ନୋଟିସ କରିଥିଲେ। ଏହିଦିନ ସେ ଓ ତାଙ୍କ ଓକିଲ ମିଶ୍ର ବିଡିଓଙ୍କ କାର୍ଯ୍ୟାଳୟରେ ଧାର୍ଯ୍ୟ ସମୟ ପୂର୍ବରୁ ପହଞ୍ଚି ଥିଲେ। କିନ୍ତୁ ବିଡିଓ ତାଙ୍କ ପକ୍ଷ ଶୁଣିବାକୁ ସୁଯୋଗ ଦେଇ ନ ଥିଲେ। ପ୍ରଥମେ ୧୩ରେ ଅପିଲ ତାରିଖ ଅଛି ବୋଲି ଜାଣି ନ ଥିବା କହି ଫାଇଲ ଖୋଜିଥିଲେ। ଫାଇଲ ନ ପାଇବାରୁ କ'ଣ ଚିଠି କରାଯାଇଛି ବୋଲି ମାଗି ଏହାର ଏକ ନକଲ ରଖିଥିଲେ। ତା' ପରେ ବିଡିଓ ୨୦ ମିନିଟ୍ ପର୍ଯ୍ୟନ୍ତ ବାହାରେ ଅପେକ୍ଷା କରିବାକୁ କହିଥିଲେ। ଏହାକୁ ସମ୍ମାନ ଜଣାଇ ସେ ଓ ତାଙ୍କ ଓକିଲ ମିଶ୍ର ବିଡିଓଙ୍କ ଚାମ୍ବର ବାହାରେ ପାଖାପାଖି ୩୦ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ଡକରା ନ ଆସିବାରୁ ବିଡିଓଙ୍କ ପିଅନ ଜରିଆରେ ଆଉ କେତେ ସମୟ ଅପେକ୍ଷା କରିବାକୁ ପଡିବ ବୋଲି ପଚାରିଥିଲେ। ବିଡିଓ କିଛି ସମୟ ପରେ ଡାକିବାରୁ ଉଭୟ ଭିତରକୁ ଯାଇଥିଲେ। ପାଖାପାଖି ୨୦ ମିନିଟ୍ ପର୍ଯ୍ୟନ୍ତ ବିଡିଓ ଅନ୍ୟମାନଙ୍କ ସହ କଥା ହୋଇ ସେମାନଙ୍କୁ ନିରାଶ କରିବାକୁ ଚେଷ୍ଟା କରିଥିଲେ। ସେତେବେଳେ କେତେକ ପଞ୍ଚାୟତର ସରପଞ୍ଚ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ସମୟରେ ଓକିଲ ମିଶ୍ର ଆଉ କେତେ ସମୟ ଅପେକ୍ଷା କରିବାକୁ ପଡିବ ବୋଲି ପଚାରିଥିଲେ। କିନ୍ତୁ ବିଡିଓ ନନ୍ଦ ହଠାତ୍ ଉତ୍‌କ୍ଷିପ୍ତ ହୋଇ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲେ। ସେ ଜଣେ ଦଳିତ ହୋଇଥିବାରୁ ତାଙ୍କ ଜାତିକୁ ନେଇ ଆକ୍ଷେପ କରିଥିଲେ। ଓକିଲ ମିଶ୍ରଙ୍କ ଭଳି ଥାର୍ଡ ଗ୍ରେଡ୍ ଲୋକଙ୍କ ସହ ମୁଁ କଥା ହେବାକୁ ଚାହେଁ ନାହିଁ କହି ଥାନାରେ ଚଡି ଖୋଲି ବାଡେଇବେ ବୋଲି ଚେତାବନୀ ଦେଇଥିଲେ। ଏତିକିରେ ବିଡିଓଙ୍କ କ୍ରୋଧ ସମ୍ବରଣ ହୋଇ ନ ଥିଲା। ଓକିଲ ମିଶ୍ରଙ୍କ ମୁହଁକୁ ଓକିଲାତିନାମା ଫୋପାଡିଥିଲେ। ବିଡିଓଙ୍କ ଏତାଦୃଶ ଆଚରଣ ସେମାନଙ୍କୁ ଗଭୀର ଆଘାତ ଦେଇଥିବା ଉଭୟ ଦାସ ଓ ଓକିଲ ମିଶ୍ର କହିଛନ୍ତି। ଜଣେ ବିଡିଓ ଏଭଳି ବ୍ୟବହାର କରିବେ ବୋଲି ସେମାନେ ଭାବି ନ ଥିଲେ। ତେଣୁ ଆରମ୍ଭରୁ ରେକର୍ଡିଂ କରିପାରି ନ ଥିଲେ। ତଥାପି କିଛି ଅଡିଓ ରେକର୍ଡିଂ ସମ୍ଭବ ହୋଇପାରିଥିଲା। ବିଡିଓଙ୍କ ଚାମ୍ବରରେ ଲାଗିଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରାଗଲେ ସ୍ପଷ୍ଟ ଚିତ୍ର ଜଣାପଡିଯିବ। ଏବେ ବିଡିଓ ଏହି ସିସିଟିଭି ଫୁଟେଜ୍‌କୁ ନଷ୍ଟ କରିବାକୁ ଚେଷ୍ଟା କରିବାର ଯଥେଷ୍ଟ ସମ୍ଭାବନା ଅଛି। ତେଣୁ ତୁରନ୍ତ ତାହା ଜବତ କରାଯାଉ ବୋଲି ଦାସ ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଛନ୍ତି। ଏହା ଉପରେ ବିଡିଓ ନନ୍ଦଙ୍କୁ ପଚାରିବାରୁ ସିସିଟିଭି କାମ କରୁନି। ଓକିଲଙ୍କ ବ୍ୟବହାରକୁ ନେଇ ସେ ଅସନ୍ତୋଷବ୍ୟକ୍ତ କରିଥିଲେ। ବାରମ୍ବାର ଚାମ୍ବରରୁ ବାହାରି ଯିବାକୁ କହିଥିଲେ। ଯଦି କେହି ଥାନାରେ ଅଭଦ୍ରୋଚିତ ବ୍ୟବହାର କରେ ତେବେ ସେଠାରେ ମଧ୍ୟ ଚଡି ଖୋଲି ବାଡ଼ାଯାଇପାରିବ ବୋଲି କହିଥିଲେ। ତେଣୁ ତାଙ୍କ ନାଁରେ କରାଯାଇଥିବା ଅଭିଯୋଗ ଭିତ୍ତିହୀନ ଓ କପୋଳକଳ୍ପିତ ବୋଲି ସେ କହିଛନ୍ତି।

# ପଠାଣି ସାମନ୍ତଙ୍କ ଜନ୍ମପୀଠକୁ ଜାତୀୟ ଐତିହ୍ୟ ସ୍ମାରକୀ ଦାବି

**ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ୧୦ଦଫା ଦାବିପତ୍ର**

- ଛେନାପୋଡ଼ଙ୍କୁ ଜିଆଇ ମାନ୍ୟତା, କାରିଗରଙ୍କୁ ପ୍ରୋତ୍ସାହନ
- ଚିନି କାରଖାନାକୁ ପୁନଃ କାର୍ଯ୍ୟକ୍ଷମ, ପର୍ଯ୍ୟଟନସ୍ଥଳୀର ବିକାଶ ଦାବି

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ନୟାଗଡ଼ ବିକାଶ ମଞ୍ଚର କର୍ମକର୍ତ୍ତାମାନେ ମଙ୍ଗଳବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ସାକ୍ଷାତ କରିବା ସହିତ ଜିଲାର ବିକାଶ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପଠାଣି ସାମନ୍ତ ଖଣ୍ଡପଡ଼ା ଜନ୍ମପୀଠ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଥିବାବେଳେ ଏହାକୁ ଏକ ଜାତୀୟ ଐତିହ୍ୟ ସ୍ମାରକୀରେ ପରିଣତ କରାଯାଉ, ନୟାଗଡ ଛେନାପୋଡ଼ ଭୌଗୋଳିକ ସୂଚକାଙ୍କ (ଜିଆଇ) ମାନ୍ୟତା ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଛେନାପୋଡ଼ କାରିଗରଙ୍କ ପାଇଁ ଏକ କ୍ଲଷ୍ଟର ନିର୍ମାଣ ସହ ବୈଷୟିକ ପ୍ରଶିକ୍ଷଣ ଓ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରାଯାଉ ବୋଲି ମଞ୍ଚ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସେହିପରି ଛେନାପୋଡ଼ ଉପରେ ଅଧିକ ଗବେଷଣା, କବି ଯଦୁମଣି ମହାପାତ୍ର ଓ ଦାସିଆ ଅଜାଙ୍କ ଜନ୍ମପୀଠର ଉନ୍ନତୀକରଣ, ନୟାଗଡ଼ରେ ପ୍ରସ୍ତାବିତ ମୁଗ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା ଏବଂ ଜଗନ୍ନାଥ ସଂସ୍କୃତିର ଆଦ୍ୟକ୍ଷେତ୍ର କଣ୍ଟିଲୋକୁ ରାଜ୍ୟ ରାଜଧାନୀରୁ ଚଉଡ଼ା ରାସ୍ତା ନିର୍ମାଣ ପାଇଁ ମଧ ଦାବି ରଖାଯାଇଛି। ଦାବିପତ୍ରରେ କୁହାଯାଇଛି, କଣ୍ଟିଲୋଠାରେ ମହାନଦୀରେ ନୌକାବିହାର ବ୍ୟବସ୍ଥା ସହ ସେଠାରେ ପାନ୍ଥ ନିବାସ କାର୍ଯ୍ୟକ୍ଷମ କରାଯାଉ। ନୟାଗଡ଼ ଚିନି କାରଖାନାକୁ ପୁଣିଥରେ କାର୍ଯ୍ୟକ୍ଷମ କରିବା ସହ ଆଖୁ ବ୍ୟବସାୟୀଙ୍କୁ ଆର୍ଥିକ ଓ ବୈଷୟିକ ପ୍ରୋତ୍ସାହନ ଦିଆଯାଉ। ଖଣ୍ଡପଡ଼ା ବ୍ଲକରେ ଥିବା ପ୍ରାଚୀନ ବୌଦ୍ଧ ପୀଠ ଯୋଗୀଯୋଗିଆଣୀର ଉନ୍ନତି କରିବା ସହ ଜିଲାର ଭିନ୍ନ ଭିନ୍ନ ସ୍ଥାନରେ ଥିବା ପ୍ରାକୃତିକ ଝରଣାଗୁଡ଼ିକୁ ପ୍ରଶସ୍ତ ରାସ୍ତା ନିର୍ମାଣ ସାଙ୍ଗକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦିଆଯାଉ। ଭାପୁର ବ୍ଲକ୍ ତରବାଲୋସ୍ଥିତ ଭାରତର ବୃହତ୍ତମ ଉଷ୍ମପ୍ରସ୍ରବଣର ଉନ୍ନତୀକରଣ କରାଯାଉ। ସେହିଭଳି ନୟାଗଡ଼ ସହରର ମଧ୍ୟସ୍ଥଳରେ ମାଟିର ପରିଚୟ ପଠାଣି ସାମନ୍ତଙ୍କ ଏକ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ। ନୟାଗଡ଼ ବିକାଶ ମଞ୍ଚର ଆବାହକ ଶୁଭ୍ରାଂଶୁ ପଣ୍ଡାଙ୍କ ନେତୃତ୍ୱରେ ମଞ୍ଚର ସହ ଆବାହକ ସୁବ୍ରତ କୁମାର ନାୟକ ଓ ସଦସ୍ୟ ସତ୍ୟେନ୍ଦୁ ଶେଖର ମିଶ୍ର, ରାଜେଶ କୁମାର ପରିଡ଼ା ଏବଂ ଆଫତାବ ହୋସେନ ପ୍ରମୁଖ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।


ନୟାଗଡ଼ ବିକାଶ ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଜେଲଗଲେ ଗଞ୍ଜେଇ ବ୍ୟବସାୟୀ

**ନୟାଗଡ଼ ଅଫିସ/ରଣପୁର,୧୮।୪(ସ୍ୱ.ପ୍ର.):** ରଣପୁର ଅବକାରୀ ବିଭାଗର କର୍ମଚାରୀ କୋଲକାତା-ମାନ୍ଦ୍ରାସ ୧୬ ନଂ. ଜାତୀୟ ରାଜପଥର ଚମ୍ପାଗଡ଼ ଛକ ଉପରେ ମଙ୍ଗଳବାର ଚଢ଼ାଉ କରି ଜଣେ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ପରେ ଗଞ୍ଜାମ ଜିଲା ବ୍ରହ୍ମପୁର ବଡ଼ବଜାରର ପ୍ରତାପ ସାହୁ(୪୨)ଙ୍କୁ ରଣପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି।

### ନିଖୋଜ ୨ ନାବାଳକ ଉଦ୍ଧାର

**ପାରଳାଖେମୁଣ୍ଡି,୧୮।୪(ଡି.ଏନ୍.ଏ.):** ପାରଳାଖେମୁଣ୍ଡି ସହର ଉପକଣ୍ଠସ୍ଥ ଆର୍.ସୀତାପୁରଠାରେ ଥିବା ଜଗନ୍ନାଥ ନିକେତନ ଅନାଥ ଆଶ୍ରମରୁ ମଙ୍ଗଳବାର ନିଖୋଜ ହୋଇଥିବା ୨ ନାବାଳକ ଉଦ୍ଧାର ହୋଇଛନ୍ତି। ଜଗନ୍ନାଥ ନିକେତନର ସଭାପତି ହରିମୋହନ ପଟ୍ଟନାୟକ ସକାଳେ ଗୁରାଣ୍ଡି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ସକାଳୁ ଦୁଇ ଜଣ ନାବାଳକ ନିକେତନରୁ ନିଖୋଜ ହୋଇଯାଇଥିଲେ। ଉକ୍ତ ଘଟଣା ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ ଏବଂ ଶିଶୁ କଲ୍ୟାଣ ସମିତିକୁ ମଧ ଅବଗତ କରାଯାଇଥିଲା। ଏହାପରେ ଜଗନ୍ନାଥ ନିକେତନର କର୍ମକର୍ତ୍ତା, ଶିଶୁ କଲ୍ୟାଣ ସମିତି ଓ ଶିଶୁ ସୁରକ୍ଷା କାର୍ଯ୍ୟାଳୟ ତରଫରୁ ନାବାଳକମାନଙ୍କୁ ଖୋଜାଖୋଜି ଆରମ୍ଭ କରାଯାଇଥିଲା। ପରିଶେଷରେ ଅପରାହ୍ଣରେ ପାରଳାଖେମୁଣ୍ଡି ରେଳଷ୍ଟେଶନରୁ ଉଭୟ ନାବାଳକଙ୍କୁ ଉଦ୍ଧାର କରାଯାଇଥିବାର ଜଗନ୍ନାଥ ନିକେତନର ସଭାପତି ପଟ୍ଟନାୟକ ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ତ୍ରିପାଠୀ ଜଣାଇଛନ୍ତି। ଉଭୟ ଶିଶୁଙ୍କୁ ଶିଶୁ କଲ୍ୟାଣ ସମିତି ଓ ଶିଶୁ ସୁରକ୍ଷା ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯାଇ ଅନୁସନ୍ଧାନ ଜାରି ରହିଥିବାର ଜଣାପଡିଛି। ସୂଚନାଯୋଗ୍ୟ, ଏହି ନାବାଳକ ଦ୍ୱୟ ଗତ ୩ମାସ ପୂର୍ବେ ପାରଳାଖେମୁଣ୍ଡି ସହରାଞ୍ଚଳରେ ବୁଲୁଥିବା ବେଳେ ଶିଶୁ ସୁରକ୍ଷା ଏଜେନ୍ସି ଦ୍ୱାରା ଉଦ୍ଧାର ହୋଇ ଜଗନ୍ନାଥ ନିକେତନରେ ଆଶ୍ରୟ ନେଉଥିଲେ।

### ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କ ସମ୍ମିଳନୀ

**ଫୁଲବାଣୀ ଅଫିସ, ୧୮।୪:** ଫୁଲବାଣୀ ବ୍ଲକ ଗୁଡୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ପଞ୍ଚାୟତ ୪ର୍ଥ ଶ୍ରେଣୀ କର୍ମଚାରୀମାନଙ୍କ ସମ୍ମିଳନୀ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଜିଲାର ପ୍ରତ୍ୟେକ ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଯୋଗ ଦେଇଥିଲେ। ବୈଠକରେ ୮ଟି ଦାବି ଉପରେ ଆଲୋଚନା କରାଯାଇଥିଲା। ପଞ୍ଚାୟତର ୪ର୍ଥ ଶ୍ରେଣୀ କର୍ମଚାରୀମାନେ ନିଜର ଦାୟିତ୍ୱ ସୂଚାରୁ ରୂପେ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସେହିପରି କର୍ମଚାରୀ କିପରି ନିଜର ଅଧିକାର ପାଇବେ ତାହା ଉପରେ ଆଲୋଚନା ହୋଇଥିଲା। ସେମାନଙ୍କ ନିଯୁକ୍ତି ସ୍ଥାୟୀ ସହ ନିୟମିତ ଦରମା ପ୍ରଦାନ, ସମାନ କାମକୁ ସମାନ ଦରମା, ରାଜ୍ୟ ବଜେଟରେ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ବଜେଟ ରଖିବା, ଚାକିରି କ୍ଷେତ୍ରରେ ସୁରକ୍ଷା ପ୍ରଦାନ ଦେବା ଆଦି ଦାବି ରଖାଯାଇଛି। ଆଗାମୀ ଦିନରେ ସରକାର ଦାବି ନ ମାନିଲେ କର୍ମଚାରୀମାନେ ଭୁବନେଶ୍ୱର ଯାଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଅନୁଷ୍ଠିତ ସମ୍ମିଳନୀରେ ସଂଘ ଉପ ସଭାପତି ପ୍ରମୋଦ କୁମାର ପୂଜାରୀ, ସମ୍ପାଦକ ଅଜିତ କୁମାର କହଁର, କୋଷାଧକ୍ଷ ଅନଳ ବେହେରାଙ୍କ ସହ ୧୨ଟି ବ୍ଲକର ୧୦୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ।

# ଋଷିକୁଲ୍ୟା ବେଳାଭୂମି ବୁଲିଲେ ପୂର୍ବତନ ମୁଖ୍ୟ ବିଚାରପତି

ଗଞ୍ଜାମ,୧୮।୪(ଡି.ଏନ.ଏ.)

ଭାରତର ପୂର୍ବତନ ମୁଖ୍ୟ ବିଚାରପତି (ସୁପ୍ରିମକୋର୍ଟ) ସରଦ ଅରବିନ୍ଦ ବୋବଡ଼େ ଦିନିକିଆ ଗଞ୍ଜାମ ଜିଲା ଗସ୍ତରେ ଆସି ଋଷିକୁଲ୍ୟା ବେଳାଭୂମି ପରିଦର୍ଶନ କରିଥିଲେ। ତାଙ୍କ ସହ ବରିଷ୍ଠ ଆଇଏଏସ ତଥା ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଆର ଭିନିଲ କ୍ରିଷ୍ଣା ଉପସ୍ଥିତ ଥିଲେ। ପ୍ରଥମେ ରାତି ୯ ଟାରେ ରମ୍ଭାରେ ପହଞ୍ଚିବା ରମ୍ଭା ଥାନା ପୋଲିସର ଜେଡ ପ୍ଲସ ସୁରକ୍ଷା ବଳୟ ମଧ୍ୟରେ ରାତି ୧୧ଟାରେ କଣ୍ଟିଆଗଡ଼ସ୍ଥିତ ପୋଡ଼ମପେଟା ସମୁଦ୍ର ବେଳାଭୂମିରେ ପହଞ୍ଚି ହଜାର ହଜାର ଛୁଆଁ ଅଲିଭ ରିଡଲେ ସମୁଦ୍ର ମଧ୍ୟକୁ ଯାଉଥିବା ଦେଖି ଖୁସିବ୍ୟକ୍ତ କରିଥିଲେ। ସେଠାରେ ପ୍ରାୟ ଦେଢ଼ ଘଣ୍ଟା ବୁଲାବୁଲି କରିବା ପରେ ରାତି ଗୋଟାଏରେ ଗୋପାଳପୁରର ଏକ ଘରୋଇ ହୋଟେଲରେ ରାତ୍ରି ଯାପନ କରିଥିଲେ। ଭୋରୁ ଚାରିଟାରେ ପୁଣି ଋଷିକୁଲ୍ୟା ବେଳାଭୂମିକୁ ଯାଇ ବିରଳ ପ୍ରଜାତିର ଅଲିଭରିଡଲଙ୍କ ବିଭିନ୍ନ ତଥ୍ୟ ପଚାରି ବୁଝିବା ସହ ବେବି କଇଁଛଙ୍କ ଫଟୋ ଉତ୍ତୋଳନ କରିଥିଲେ। କଇଁଛଙ୍କ ସୁରକ୍ଷା ଲାଗି ବେଳାଭୂମିରେ ନିର୍ମାଣ ହୋଇଥିବା ବ୍ୟାରିକେଟ ଏବଂ ଅନ୍ୟାନ୍ୟ ସୁବିଧା ଅସୁବିଧା ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ମୁଖ୍ୟ ବିଚାରପତିଙ୍କ ଗସ୍ତ ବେଳେ ଡିଏଫଓ ଶନି ଖୋଖୋର, ଛତ୍ରପୁର ଉପଜିଲାପାଳ ପ୍ରସନ ପାତ୍ର, ବ୍ରହ୍ମପୁର କମିଶନର ଜେ. ସୋନାଲ, ଜିଲା ପ୍ରକଳ୍ପ ଅଧିକାରୀ କିର୍ତ୍ତିଭାସନ, ତହସିଲଦାର ଅରୁଣ କୁମାର ନାୟକ, ବିଡିଓ ଜସ୍ମିନ ପ୍ରଧାନ, ରମ୍ଭା ଆଇଆଇସି ପି. ସ୍ୱରୂପ କିଷାନ ଉପସ୍ଥିତ ଥିଲେ।


ଋଷିକୁଲ୍ୟା ବେଳାଭୂମି ପରିଦର୍ଶନ କରୁଛନ୍ତି ପୂର୍ବତନ ମୁଖ୍ୟ ବିଚାରପତି ଓ ଅନ୍ୟମାନେ।

# ଓଭରବ୍ରିଜ ନିର୍ମାଣ ଦାବି

## ରାମନଗର, ଜଗନ୍ନାଥପୁର ରେଳ ଲେଭଲ କ୍ରସିଂ

ବ୍ରହ୍ମପୁର ଅଫିସ,୧୮।୪

ବ୍ରହ୍ମପୁର ସହର ଲାଞ୍ଜିପଲୀ–ରାମନଗର ରେଳ ଲେଭଲ କ୍ରସିଂ ଓ ଜଗନ୍ନାଥପୁର ସ୍ଥିତ ଲେଭଲ କ୍ରସିଂ ଉପରେ ଓଭରବ୍ରିଜ ନିର୍ମାଣ କରିବାକୁ ସଂସ୍କାରବାଦୀ ସଂଗଠନ ଦାବି କରିଛି। ଏ ନେଇ ସୋମବାର ସଂଘ ସଭାପତି ତ୍ରିନାଥ ମହାରଣାଙ୍କ ନେତୃତ୍ୱରେ ବ୍ରହ୍ମପୁର ରେଳ ଷ୍ଟେଶନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିସହ ସଂଘ ପକ୍ଷରୁ ଭୁବନେଶ୍ୱର ପୂର୍ବତଟ ରେଳପଥ ଜେନେରାଲ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ରହ୍ମପୁର ଷ୍ଟେଶନ ମ୍ୟାନେଜରଙ୍କୁ ପ୍ରଦାନ କରାଯାଇଥିଲା।

ଦାବିପତ୍ରରେ ଉଲ୍ଲେଖ ରହିଛି, ଲାଞ୍ଜିପଲୀ–ରାମନଗର ଲେବର କ୍ରସିଂ ଉପରେ ଓଭରବ୍ରିଜ ନିର୍ମାଣ ପାଇଁ ଦୀର୍ଘ ଦିନକୁ ଦାବି କରାଯାଉଛି। ଏହା ଉପରେ ରେଳ ମନ୍ତ୍ରଣାଳୟ ନିକଟରେ ପ୍ରସ୍ତାବ ରହିଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ସଂଘ ଅଭିଯୋଗ କରିଛି। ସେହିଭଳି ଜଗନ୍ନାଥପୁର ରେଳ ଲେଭଲ କ୍ରସିଂ ହେଉଛି ଏକ ପ୍ରମୁଖ ରାସ୍ତା ଥିବା ବେଳେ ଏହି ରେଳପଥ ଦେଇ ଦୈନିକ ପ୍ରାୟ ୨୦ଟି ଓ ସାପ୍ତାହିକ ୫୦ଟି ଟ୍ରେନ ଯାତାୟାତ କରିଥାଏ। ଫଳରେ କୌଣସି ଜରୁରୀକାଳୀନ ସମୟରେ ଲେଭଲ କ୍ରସିଂ ଅତିକ୍ରମ ବେଳେ ସାଧାରଣ ଜନତା ଓ ରୋଗୀ ଆମ୍ବୁଲାନ୍ସ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏଣୁ ଉପରୋକ୍ତ ୨ଟି ଲେଭଲ କ୍ରସିଂରେ ଓଭରବ୍ରିଜ ନିର୍ମାଣ କରିବା ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବା ପାଇଁ ସଂଘ ଦାବି କରିଛି। ଦାବି ପତ୍ର ପ୍ରଦାନ ସମୟରେ ବୃନ୍ଦାବନ ଖଟେଇ, ରବିନାରାୟଣ ସାବତ, ବିଜୟ କୁମାର ଚୌଧୁରୀ, ଲିଙ୍ଗରାଜ ମହାପାତ୍ର ଓ ବିଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଦଣ୍ଡରେ ଅଶ୍ଳୀଳ ଗୀତ, ନାଚ ବନ୍ଦ ନିଷ୍ପତ୍ତି

ଫୁଲବାଣୀ ଅଫିସ, ୧୮।୪

କନ୍ଧମାଳ ଜିଲାରେ ଦଣ୍ଡ ପରମ୍ପରାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଚଳିତ ବର୍ଷ ଦଣ୍ଡ ପାଳନ ବେଳେ ଅନେକ ସ୍ଥାନରେ ଅଶ୍ଳୀଳ ଗୀତ, ନାଚ ଦେଖିବାକୁ ମିଳିଛି। ଏହାକୁ କନ୍ଧମାଳ ଜାଗରଣ ମଞ୍ଚ ବିରୋଧ କରିଛି। ଦଣ୍ଡ ପରମ୍ପରାକୁ ମାନିବା ସହ ଆଗାମୀ ଦଣ୍ଡ ନାଚ ବେଳେ କୌଣସି ସ୍ଥାନରେ ଅଶ୍ଳୀଳ ଗୀତ ସହ ନାଚ ନ କରିବା ଲାଗି କନ୍ଧମାଳ, ବୌଦ୍ଧ, ଦଶପଲ୍ଲା ଦଣ୍ଡ କମିଟିମାନଙ୍କୁ ଜଣାଇ ଦିଆଯାଇଥିବା ମଞ୍ଚ ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି କରାଯାଇଛି। ଗତ ଫେବୃୟାରୀରେ କନ୍ଧମାଳ ଜାଗରଣ ମଞ୍ଚ ଆୟୋଜନରେ ଫୁଲବାଣୀରେ ଅନୁଷ୍ଠିତ ଦୁଇ ଦିନିଆ ଚିନ୍ତନ ଶିବିରରେ କନ୍ଧମାଳ, ବୌଦ୍ଧ, ଦଶପଲ୍ଲା ଦଣ୍ଡୁଆ ଭାଇମାନେ ଯୋଗ ଦେଇଥିଲେ। ଏହି ଶିବିରରେ ଦଣ୍ଡୁଆମାନଙ୍କ ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇ ସରକାରଙ୍କୁ ଅବଗତ କରାଯାଇଥିଲା। ଦଣ୍ଡ ନାଚ ବେଳେ ଅଶ୍ଳୀଳ ତଥା ଦ୍ୱିଅର୍ଥ ବୋଧକ ଗୀତ ବଜାଇ ନାଚ ନ କରିବାକୁ ସମସ୍ତେ ନିଷ୍ପତ୍ତି ନେଇଥିଲେ। ହେଲେ ଚଳିତ ଦଣ୍ଡନାଚରେ ତାହାର ବ୍ୟତିକ୍ରମ ହେଲା। ଏ ସମସ୍ତ ଦିଗ ଉପରେ ଦଣ୍ଡ କମିଟି କର୍ମକର୍ତ୍ତାଙ୍କ ସହ ଆଲୋଚନା କରାଯାଇଛି ବୋଲି ଜାଗରଣ ମଞ୍ଚ ସଭାପତି ଶେଷଦେବ ଜାନୀ, ବିକାଶ କୁମାର ମହାନ୍ତି, ଭି.ସୁବ୍ରମଣ୍ୟମ ଦାସ, ରମେଶ ଚନ୍ଦ୍ର ମହାନ୍ତି, ନବୀନ କିଶୋର ପଣ୍ଡା, ସନ୍ତୋଷ ପଣ୍ଡା, ବ୍ରଜକିଶୋର ପଟ୍ଟନାୟକ, ଆବାହକ ପରେଶ ମହାପାତ୍ର ପ୍ରମୁଖ ଏକ ପ୍ରେସ ବିବୃତିରେ ଜଣାଇଛନ୍ତି।

# ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

ପାତ୍ରପୁର ୧୮।୪(ଡି.ଏନ.ଏ)

ଗଞ୍ଜାମ ଜିଲା ପ୍ରଶାସନ ଓ ପାତ୍ରପୁର ତହସିଲ ଦ୍ୱାରା ପାତ୍ରପୁର ତହସିଲ କାର୍ଯ୍ୟାଳୟରେ ମଙ୍ଗଳବାର ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀଙ୍କ ଦ୍ୱାରା ପ୍ରାୟ ୧୦୦ ରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ତହସିଲଦାର ଆମିତ୍ କୁମାର ନାୟକ ସଭାପତିତ୍ୱ କରିଥିଲାବେଳେ ସମ୍ମାନିତ ଅତିଥି ଭାବେ ସହକାରୀ ଜିଲାପାଳ ଶୁଭଶ୍ରୀ ରଥ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ପାଢ଼ୀ, ସିଡିପିଓ ସରୋଜ ବାଳା ଆଚାର୍ଯ୍ୟ, ଏସ୍‌ଡିପିଓ କୃଷ୍ଣଚନ୍ଦ୍ର ଭତ୍ରା ପ୍ରମୁଖ ମଞ୍ଚାସୀନ ରହି ଅଭିଭାଷଣ ପ୍ରଦାନ କରିଥିଲେ। ସୁନିତ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ସମସ୍ତ ତହସିଲ କର୍ମଚାରୀ ସହଯୋଗ କରିଥିଲେ। ମନ୍ତ୍ରୀଙ୍କ ଦ୍ୱାରା ୧ ହଜାରରୁ ଊର୍ଦ୍ଧ୍ୱ ଗ୍ରାମ କଣ୍ଠ ପଟ୍ଟା, ୨୦ଟି ବିଦ୍ୟାଳୟ ପଟ୍ଟା, ୮୦ ଗୋଟି ବେବନ୍ଦୋବସ୍ତ ପଟ୍ଟା, ୧୦୦ ଗୋଟି ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଥିଲା।

# ଗୋଷାଣୀ ପଞ୍ଚାୟତ ସମିତି ବୈଠକ

ପାରଳାଖେମୁଣ୍ଡି,୧୮।୪(ଡି.ଏନ୍.ଏ.)

ଗୋଷାଣୀ ପଞ୍ଚାୟତ ସମିତିର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ଏନ. ବୀରରାଜୁ ସଭାପତିତ୍ୱ କରିଥିଲେ। ଏଥିରେ ଗୋଷାଣୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝୀ, ବ୍ଲକ ଉପାଧ୍ୟକ୍ଷ ଏସ. ଅନସୂୟା ଦେବୀ, ଜିଲା ପରିଷଦ ସଭ୍ୟ ଏସ.ବାଲାରାଜୁ, ଏମ୍‌ପି ପ୍ରତିନିଧି ଏସ୍. ଲିଙ୍ଗରାଜୁ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଏବଂ ବ୍ଲକର ସମସ୍ତ ସରପଞ୍ଚ ଏବଂ ସମିତି ସଭ୍ୟାସଭ୍ୟ, ବିଭାଗୀୟ ଅଧିକାରୀ, ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ। ବୈଠକରେ କୃଷି, କ୍ଷୁଦ୍ର ଜଳସେଚନ, ଶିକ୍ଷା, ଉନ୍ନୟନ କାମ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପାନୀୟ ଜଳ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପୂର୍ତ୍ତ ବିଭାଗ, ରାଜସ୍ୱ ବିଭାଗ, ଜଳ ବିଭାଜିକା ମୃତ୍ତିକା ସଂରକ୍ଷଣ, ଜଙ୍ଗଲ ଓ ପରିବେଶ, ଉଦ୍ୟାନ, ପଶୁପାଳନ, ମହିଳା ଓ ଶିଶୁ ବିକାଶ ବିଭାଗ, ଖାଉଟି ଓ ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ଉଠା ଜଳସେଚନ, ସମବାୟ ଆଦି ସହ ଅନ୍ୟାନ୍ୟ ବିଷୟକୁ ନେଇ ଆଲୋଚନା ଓ ସମୀକ୍ଷା କରାଯାଇଥିଲା। ବିଭାଗୀୟ ସମୀକ୍ଷା ବେଳେ କେତେକ ବିଷୟକୁ ନେଇ ସରପଞ୍ଚ ଓ ସମିତି ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା। ସେହିପରି ଅସମ୍ପୂର୍ଣ୍ଣ କାମଗୁଡିକୁ ଶେଷ କରିବା, ବିଶେଷକରି ଗ୍ରୀଷ୍ମଋତୁରେ ପାନୀୟ ଜଳ ସମସ୍ୟା ପ୍ରତି ତୁରନ୍ତ ସମାଧାନ କରିବା, ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ କର୍ମଚାରୀ ତଥା ଡାକ୍ତର ଉପସ୍ଥିତ ରହିବା ଆଦି ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ବ୍ଲକର ଭାରପ୍ରାପ୍ତ ଜିପିଇଓ ବିନୋଦ ଗୌଡ ପରିଚାଳନା କରିଥିବାବେଳେ ଉନ୍ନୟନ କାମଗୁଡିକର ସବିଶେଷ ବିବରଣୀ ବ୍ଲକ ଉପନିର୍ବାହୀ ଯନ୍ତ୍ରୀ ନୀହାର ନାୟକ ପଠନ କରିଥିଲେ।



ବୈଠକରେ ବିଡିଓ ଏବଂ ଅନ୍ୟମାନେ।

# ଫଟୋଗ୍ରାଫି ତାଲିମ ଶିବିର


ତାଲିମ ଶିବିରରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର, ୧୮।୪(ଡି.ଏନ୍.ଏ.)

ଘୁମୁସର ଫଟୋଗ୍ରାଫର ଆସୋସିଏଶନ ଏବଂ ଫଟୋଗ୍ରାଫର ଆସୋସିଏଶନ ଓଡ଼ିଶାର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ନିକନ କମ୍ପାନୀ ତରଫରୁ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ଉପଜିଲାପାଳ ଜ୍ୟୋତିଶଙ୍କର ରାୟ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୌରୀ ଶଙ୍କର ଶତପଥୀ, ନିକୋନ କମ୍ପାନୀର ଅଭିଜ୍ଞ କର୍ମକର୍ତ୍ତା ପଲ୍ଲବ ପାଉଲ, ମାର୍କେଟିଂ ଅଧିକାରୀ ଦେବାଂଶୁ ପଟ୍ଟନାୟକ, ମନୋରଞ୍ଜନ ରଣା, ସନ୍ତୋଷ କୁମାର ବେଜ, ମଡେଲ ଭକ୍ତି ପଟ୍ଟନାୟକ ଏବଂ ପାଓର ସମ୍ପାଦକ ଗୌରୀଶଙ୍କର ମହାକୁଡ଼ ଉପସ୍ଥିତ ଥିଲେ। ଜିପିଏର ସଭାପତି ଜୟକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଆଜିକାଲି ଯୁଗରେ ନୂତନ ଜ୍ଞାନକୌଶଳ ଅବଲମ୍ବନ କରି ଫଟୋ ଓ ଭିଡିଓ ଉତ୍ତୋଳନ କଲେ ତାହା ଅଧିକ ଆକର୍ଷଣୀୟ ହେବାସହ ଗ୍ରାହକଙ୍କ ପସନ୍ଦ ହୋଇଥାଏ। ତେଣୁ ଫଟୋ ଗ୍ରାଫରମାନେ ଉନ୍ନତମାନର କ୍ୟାମେରା ଦ୍ୱାରା ନୂତନ ଶୈଳୀରେ ଫୋଟଗ୍ରାଫି କରି ପୂର୍ବାପେକ୍ଷା ଅଧିକ ରୋଜଗାର କରିପାରିବେ ବୋଲି ଅତିଥିମାନେ କହିଥିଲେ। ନିକୋନ କମ୍ପାନୀର କର୍ମକର୍ତ୍ତାମାନେ ବିଭିନ୍ନ ମଡେଲ କ୍ୟାମେରା ଓ ଲେନ୍ସର କାର୍ଯ୍ୟକାରିତା ଓ ତାହାକୁ ବ୍ୟବହାର କରି କିଭଳି ଫଟୋକୁ ଅଧିକ ଆକର୍ଷଣୀୟ କରିପାରିବେ ସେ ସମ୍ପର୍କରେ ତାଲିମ ଦେଇଥିଲେ। ଯେକୌଣସି ପରିସ୍ଥିତିରେ ମଧ ଜଣେ ଫଟୋଗ୍ରାଫର ଉନ୍ନତ କୌଶଳ ବ୍ୟବହାର କରି ସେହି ସ୍ମୃତିକୁ ଜୀବନ୍ତ କରିପାରିବ ବୋଲି କହିଥିଲେ। ଏହି ଶିବିରରେ ଭଞ୍ଜନଗର ଓ ଆଖପାଖ ଅଞ୍ଚଳର ପ୍ରାୟ ୫୦ଜଣ ଫଟୋଗ୍ରାଫର ଅଂଶ ଗ୍ରହଣ କରିଥିଲେ। ଏଥିରେ ବିରଞ୍ଚି ପ୍ରସାଦ ମିଶ୍ର, ସାଗର ବେହେରା, ସମୀର ସ୍ୱାଇଁ, ଅଶୋକ ବେହେରା, ଦର୍ପନାରାୟଣ ଜେନା, ସୁକାନ୍ତ ମହାନ୍ତି, ଆନନ୍ଦ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ।

# ଛେଲିଗଡ଼ ଜଳସେଚନ ପ୍ରକଳ୍ପ ଅନୁଧାନ କଲେ ଯନ୍ତ୍ରୀ

ଆର.ଉଦୟଗିରି,୧୮।୪(ଡି.ଏନ.ଏ.)

ଆର.ଉଦୟଗିରି ବ୍ଲକ ମହେନ୍ଦ୍ରଗଡ଼ଠାରେ ହେଉଥିବା ଛେଳିଗଡ଼ ଜଳସେଚନ ପ୍ରକଳ୍ପର ଟନେଲ କାର୍ଯ୍ୟ ଅନୁଧାନ କଲେ ବିଭାଗୀୟ ଉଚ୍ଚ ପଦସ୍ଥ ଯନ୍ତ୍ରୀ। ଛେଳିଗଡ଼ଠାରେ ହେଉଥିବା ପ୍ରକଳ୍ପର ଟନେଲ କାର୍ଯ୍ୟ ଅନୁଧାନ କରିଛନ୍ତି ବିଭାଗୀୟ ମୁଖ୍ୟଯନ୍ତ୍ରୀ ଇଂ. ଅଶ୍ୱିନୀ କୁମାର ମହାନ୍ତି। ସାଙ୍ଗରେ ଥିଲେ ଗଜପତି ଜିଲା ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଇଂ. ନଗେନ୍ଦ୍ର ନାଥ ମହାରଣା। ଏହି ଅନୁଧାନ ସମୟରେ ଟନେଲର ଅଧିକ୍ଷଣ ଯନ୍ତ୍ରୀ ଇଂ. ବିରେନ୍ଦ୍ର କୁମାର ଜଗତ ଏବଂ ସ୍ଥାନୀୟ ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ବିରେନ୍ଦ୍ର କୁମାର ଦାସ, ଠିକା କମ୍ପାନୀର ସାଧାରଣ ପରିଚାଳନା ଅଧିକାରୀ ପ୍ରଦୀପ କୁମାର ପାଢୀ। ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଟନେଲ କାର୍ଯ୍ୟ ଆଜି ସୁଦ୍ଧା ପ୍ରବେଶ ପଥରେ ୪୮୪ ମିଟର କାର୍ଯ୍ୟ ହୋଇଥିବା ବେଳେ ବାହାର ପଥରେ ୭୫୯ମିଟର ଖନନ କାର୍ଯ୍ୟ ସମ୍ପାଦନ ହୋଇଥିବା ସମୀକ୍ଷାରୁ ଜଣାପଡିଛି। ଆଉ ଏକ ସପ୍ତାହ ମଧ୍ୟରେ ଟନେଲ କାର୍ଯ୍ୟ ଶେଷ ହେବା ଆଶା କରାଯାଉଛି। ଟନେଲ ପୁରା ୧୨୮୦ମିଟର ଲମ୍ବ ହୋଇଥିବା ବେଳେ ସେଥିମଧ୍ୟରୁ ୧୨୪୩ମିଟର କାର୍ଯ୍ୟ ଶେଷ ହୋଇଛି। ଆଉ ହେବାକୁ ଥିବା ୩୭ମିଟର କାର୍ଯ୍ୟ ଶେଷ ହେଲେ ବିଭାଗ ପୁଣି ପ୍ରକଳ୍ପର ଆନୁଷଙ୍ଗିକ କାର୍ଯ୍ୟ ଆରମ୍ଭ କରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟ ସମ୍ପାଦନ ହେଲେ ଗଞ୍ଜାମ ଓ ଗଜପତି ଜିଲାର ଜମିକୁ ପାଣି ମାଡିବା ସହ ପାନୀୟ ଜଳର ସୁବିଧା ସ୍ଥାନୀୟ ଅଞ୍ଚଳବାସୀ ପାଇବା ଆଶା ବାନ୍ଧିଥିବା ଦେଖିବାକୁ ମିଳିଛି। ବିଭାଗର ଉଚ୍ଚ ପଦସ୍ତ ଅଧିକାରୀ ବାରମ୍ବାର ଗସ୍ତ କରି ସୂଚାରୁରୂପେ କାର୍ଯ୍ୟ ସମ୍ପାଦନା କରୁଥିବା ପ୍ରକାଶ।


ପ୍ରକଳ୍ପ କାର୍ଯ୍ୟ ଅନୁଧାନ କରୁଛନ୍ତି ଯନ୍ତ୍ରୀ ଓ ଅନ୍ୟମାନେ।

# ଆଜି ବ୍ୟାସନଗର ବନ୍ଦ

- ବିଭିନ୍ନ ସଙ୍ଗଠନର ସମର୍ଥନ
- ଜନ ପ୍ରତିନିଧି ନୀରବ
- ମାଟି ନୁହେଁ, ପାର୍ଟି ବଡ



ଧାରଣାରେ ବସିଥିବା ବ୍ୟାସନଗର ନାଗରିକ କମିଟି କର୍ମକର୍ତ୍ତା ଓ ସମର୍ଥକ।

**ଯାଜପୁର ରୋଡ,୧୮।୪(ଡି.ଏନ.ଏ.)**

ମାଟି ଅପେକ୍ଷା ପାର୍ଟିକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ବ୍ୟାସନଗର ସହରର ସର୍ବାଙ୍ଗୀନ ଉନ୍ନତି ପାଇଁ ଅଣ୍ଟା ଭିଡିଥିବା ମିଳିତ କ୍ରିୟାନୁଷ୍ଠାନ କମିଟିକୁ ସହରବାସୀଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ରହିଥିବାବେଳେ କୌଣସି ଜନପ୍ରତିନିଧି ମୁହଁ ଖୋଲୁ ନାହାନ୍ତି। ଇତିମଧ୍ୟରେ ୫ ଦଫା ଦାବି ନେଇ ଅତିରିକ୍ତ ଜିଲାପାଳ କଳିଙ୍ଗନଗରଙ୍କ ଅଫିସ ସମ୍ମୁଖରେ ୧୪ ଦିନ ଧରି ଚାଲୁଥିବା ଧାରଣା ଓ ଧର୍ମଘଟକୁ ପ୍ରଶାସନିକ ଅଧିକାରୀ ମୁହଁ ଫେରାଇ ଦେଇଥିବାବେଳେ ଅସନ୍ତୁଷ୍ଟ ଆନ୍ଦୋଳନକାରୀ ସହରକୁ ଦିନକ ପାଇଁ ବନ୍ଦ ଘୋଷଣା କରିଛନ୍ତି। ଏହି କ୍ରମରେ ବୁଧବାର ସକାଳ ୬ ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ବନ୍ଦ ଡାକରା ଦେବା ପରେ ଶାସକ ବିଜେଡି ସହ ବିରୋଧିଙ୍କ ଆସ୍ଥାଭାଜନ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବ୍ୟାସନଗରର ସର୍ବାଙ୍ଗୀନ ଉନ୍ନତି ପାଇଁ ଡିଣ୍ଡିମ ପିଟୁଥିବା ଅଧିକାଂଶ ନିର୍ବାଚିତ ଜନ ପ୍ରତିନିଧିଙ୍କ ଦେଖାନାହିଁ। ଖୋଦ ବିଧାୟକ ସହରରେ ବିଭିନ୍ନ କାର୍ଯ୍ୟକ୍ରମରେ ବାରମ୍ବାର ଉପସ୍ଥିତ ରହୁଥିଲେ ମଧ୍ୟ ଧାରଣାସ୍ଥଳରେ ପହଞ୍ଚି ଦାବି ସମ୍ପର୍କରେ ଆଲୋଚନା କରିବା ପାଇଁ ତାଙ୍କୁ ସମୟ ନାହିଁ। ଏତାଦୃଶ ଆଚରଣକୁ ସାଧାରଣରେ ନାପସନ୍ଦ କରାଯାଉ ଥିବାର ଦେଖିବାକୁ ମିଳୁଛି । ମଙ୍ଗଳବାର ଧାରଣାସ୍ଥଳରେ ପହଞ୍ଚି ନବ ଉତ୍କଳ ମହିଳା ସମିତି, ବ୍ୟାସ ପ୍ରିଣ୍ଟ ମିଡିଆ ଆସୋସିଏଶନ୍, କ୍ରୀଡ଼ା ଭାରତୀ, ସର୍ବ ଭାରତୀୟ ମେଡିକାଲ ଆସୋସିଏଶନ୍, ମାଲଗୋଦାମ ଲୋକାଲ ଟ୍ରକ ଆସୋସିଏଶନ୍, ଅଟୋ ଆସୋସିଏଶନ୍, ଡିଡି ମାର୍କେଟ କମ୍ପ୍ଲେକ୍ସ, ସବ୍‌ରେଜିଷ୍ଟ୍ରାର ଡୋଲିପୁର ଦଲିଲ ଲେଖକ ସଂଘ ଓ ବ୍ୟାସନଗର ସ୍ୱର୍ଣ୍ଣକାର ସଂଘର କର୍ମକର୍ତ୍ତାମାନେ ୫ ଦଫା ଦାବି ଓ ବନ୍ଦକୁ ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି ବୋଲି ବ୍ୟାସନଗର ନାଗରିକ କମିଟିର ସାଧାରଣ ସମ୍ପାଦକ ଓ ଆବାହକ ଦୁର୍ଯ୍ୟୋଧନ ରାଉତ ପ୍ରକାଶ କରିଛନ୍ତି। ଧାରଣାରେ ଆବାହକ ତଥା ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ହେମନ୍ତ କିଶୋର ସାହୁ, ଦୁଷ୍ମନ୍ତ କୁମାର ନାୟକ, ରାଜେନ୍ଦ୍ର କୁମାର ବିଶ୍ୱାଳ, ହୃଦାନନ୍ଦ ସାମଲ, ବରିଷ୍ଠ ଖବରଦାତା ହାରାଧନ ବାନାର୍ଜୀ, ବାବୁରାମ ଜେନା, ଚିନ୍ତାମଣି ପାଢୀ, ବିଜୟ କୁମାର ସାହୁ, ଉମାକାନ୍ତ ରାଉତ, ଆଡଭୋକେଟ ଚନ୍ଦ୍ରଶେଖର ପଣ୍ଡା, ଦାମୋଦର ପଣ୍ଡା, ସନ୍ତୋଷ କୁମାର ବରାଳ, ଅଭିମନ୍ୟୁ ରାଉତ, ପଦ୍ମଲୋଚନ ମହାନ୍ତି, ଜିତେନ୍ଦ୍ର କୁମାର ରାଉତ, ସନାତନ ମଲ୍ଲିକ, ଗଗନ ବିହାରୀ ସିଂ, ବିଶ୍ୱନାଥ ସାହୁ, ଅଭିରାମ ସାହୁ, ମଧୁସୂଦନ ସାମନ୍ତରାୟ , ଦୁର୍ଗା ଚରଣ ପ୍ରତିହାରୀ, ଅଶୋକ ବୋଷ, ଅଶ୍ୱିନୀ ଦାସ, ସୁବାସ ଚନ୍ଦ୍ର ମିଶ୍ର, ହେମନ୍ତ ଧୀର, କେଦାରନାଥ ସାହୁ, ଅମୂଲ୍ୟ ତ୍ରିପାଠୀ, ଅଶ୍ୱିନୀ କୁମାର ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ଦାସ, ଦିନେଶ ମସକରା, ନିରଞ୍ଜନ ବିଶ୍ୱାଳ, ବିଶ୍ୱଜିତ ମହାନ୍ତି, ସୁଦର୍ଶନ ତରାଇ, ନିରଞ୍ଜନ ଘଡାଇ, ମହିଳା ସଙ୍ଗଠିକା ଜୟନ୍ତୀ ଜେନା, ଗୌରୀ ସାହୁ, ଗୀତାଞ୍ଜଳୀ ନାୟକ, ରୀନା ତ୍ରିପାଠୀ, ପ୍ରଫୁଲ୍ଲ କୁମାର ନାୟକ, ପବିତ୍ର ରଞ୍ଜନ ମହାନ୍ତି, ଜ୍ଞାନରଞ୍ଜନ ରାଉତ, ନରେଶ ମସକରା, ବିନୋଦ ବିହାରୀ ସାମଲ, ରଘୁନାଥ ବେହେରା, ଅର୍ଜ୍ଜୁନ କୁମାର ରାଉତ, ରାଜେନ୍ଦ୍ର ସାମଲ, ଗୋପାଳ ଚରଣ ସାହୁ, ହୃଷିକେଶ ସାହୁ, ପ୍ରସନ୍ନ ସାମଲ, ସଦାଶିବ ଦାଶ, ବିବେକାନନ୍ଦ ମହାନ୍ତି, ପଦ୍ମନାଭ ସ୍ୱାଇଁ, ଭାଗିରଥୀ ଆଚାର୍ଯ୍ୟ, ଦେବେନ୍ଦ୍ରନାଥ ପାଣିଗ୍ରାହୀ , ନରେନ୍ଦ୍ର ଜେନା, ସମୀର କୁମାର ପରିଡା, ପ୍ରତାପ କୁମାର ବଳ, ବ୍ରଜେଶ୍ୱରୀ ସିଂ, ସୁଧାନିଧି ମହାପାତ୍ର, ବିଶ୍ୱଜିତ ଦାସ, ଅଜୟ କୁମାର ସାହୁ, କ୍ଷିରୋଦ କୁମାର ମଲ୍ଲିକ ଓ ଅଭିରାମ ସାହୁ ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳକୁ ସମର୍ଥନ କରିଥିଲେ।

## ୧୪ ଜଣଙ୍କ ନାମରେ ମାମଲା

ବ୍ୟାସନଗର ସହରର ୫ ଦଫା ସମ୍ବଳିତ ଦାବି ନେଇ ସୋମବାର ବନ୍ଦ ଡାକରାକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ୧୪ ଜଣ ଆନ୍ଦୋଳନକାରୀଙ୍କ ନାମରେ ଭାରତୀୟ ଦଣ୍ଡବିଧି ଆଇନର ୧୦୭ ଧାରାରେ ମାମଲା ରୁଜୁ ହୋଇଛି। ଯାଜପୁର ରୋଡ ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ ବନ୍ଦ ପାଳନ ସମୟରେ ଶାନ୍ତି ଭଙ୍ଗ ସମ୍ଭାବନା ଥିବାରୁ ବୁଧବାର ପୂର୍ବାହ୍ନ ୮ଟା ସମୟରେ ଉପସ୍ଥିତ ରହି କାରଣ ଦର୍ଶାଇବା ସହ ୧ ବର୍ଷ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୫ ହଜାର ଟଙ୍କାର ବଣ୍ଡ ଦେବାକୁ ନୋଟିସ ଜାରି କରିଛନ୍ତି। ଯାଜପୁର ରୋଡ ବନ୍ଦ ପାଳନ ସମୟରେ ବିପୁଳ ସଂଖ୍ୟାରେ ଲୋକ ଏକତ୍ରିତ ହେବାର ଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ନୋଟିସରେ ଦର୍ଶାଯାଇଛି। ଏଥିରେ ବ୍ୟାସନଗର ନାଗରିକ କମିଟି ଏବଂ ମିଳିତ କ୍ରିୟାନୁଷ୍ଠାନ କମିଟିର ଦୁର୍ଯ୍ୟୋଧନ ରାଉତ, ବିଦ୍ୟାଧର ମହାନ୍ତି, ବିବେକାନନ୍ଦ ମହାନ୍ତି, ସଦାଶିବ ଦାସ, ହେମନ୍ତ କୁମାର ସାହୁ, ରାଜେନ୍ଦ୍ର କୁମାର ବିଶ୍ୱାଳ, ଦୁଷ୍ମନ୍ତ କୁମାର ନାୟକ, ଚନ୍ଦ୍ରମଣି ସାମଲ, ଚନ୍ଦ୍ରଶେଖର ପଣ୍ଡା, ହୃଦାନନ୍ଦ ସାମଲ, ପ୍ରଫୁଲ୍ଲ କୁମାର ନାୟକ, ଚିନ୍ତାମଣି ପାଢୀ, ହୃଷିକେଶ ସାହୁ ଓ ତୀର୍ଥବାସ ଭୂୟାଁଙ୍କ ନାମ ରହିଛି। ତେବେ ଶାନ୍ତିପୂର୍ଣ୍ଣ ବନ୍ଦ ଡାକରା ଦିଆଯାଇଥିବାବେଳେ ପ୍ରଶାସନର ଏତାଦୃଶ ପଦକ୍ଷେପକୁ ନିନ୍ଦା କରିବା ସହ ନିଆଁରେ ଘିଅ ଢଳାଯାଉଛି ବୋଲି ଚନ୍ଦ୍ରଶେଖର ପଣ୍ଡା ପ୍ରକାଶ କରିଛନ୍ତି।

# ଅଧାପନ୍ତରିଆ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ

## ୨ ଦିନିଆ ଯାଜପୁର ଜିଲା ଗସ୍ତରେ ସଚିବ ଭାସ୍କର ଜ୍ୟୋତି ଶର୍ମା

**ଯାଜପୁରରୋଡ୍,୧୮।୪(ଡି.ଏନ.ଏ.):**


ସମୀକ୍ଷା ବୈଠକରେ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ଜିଲାପାଳ।

ଯାଜପୁର ଜିଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମୀକ୍ଷା କରିବା ପାଇଁ ୨ ଦିନିଆ ଜିଲା ଗସ୍ତ କରିଛନ୍ତି ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା। ସେ ଜିଲା ନୋଡାଲ ଅଫିସର ଭାବେ ମଙ୍ଗଳବାର ଜିଲାଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସଙ୍ଗେସଙ୍ଗେ ଅଧାପାନ୍ତରିଆ ହୋଇ ପଡ଼ିରହିଥିବା ପ୍ରକଳ୍ପଗୁଡ଼ିକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଶର୍ମା ପ୍ରଥମେ ପାଣିକୋଇଲିସ୍ଥିତ ଶହେ ଶଯ୍ୟା ବିଶିଷ୍ଟ ଟ୍ରମା କେୟାର ହସ୍ପିଟାଲ ନିର୍ମାଣ କାର୍ଯ୍ୟସ୍ଥଳକୁ ଯାଇ ଅନୁଧ୍ୟାନ କରିଥିଲେ। ୬ ମାସ ମଧ୍ୟରେ ଉକ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ବ୍ୟାସନଗର ପୌର ପରିଷଦର ସନ୍ତରାଠାରେ ଥିବା ନୂତନ ସଂସ୍କୃତି ଭବନ ବୁଲି ଦେଖିବା ସହ ଉକ୍ତ ପରିସରରେ ନିର୍ମାଣାଧୀନ ମିଶନ ଶକ୍ତି କେଫ ଓ ବ୍ୟାସସରୋବର ପର୍ଯ୍ୟଟନସ୍ଥଳକୁ ଯାଇଥିଲେ। ବ୍ୟାସସରୋବର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ବିଳମ୍ବ ନେଇ ଜିଲାପାଳଙ୍କୁ ପଚାରି ବୁଝିଥିଲେ। ଏହାପରେ କେଏନ୍‌ଡିଏ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ପୂର୍ତ୍ତ, ନଗର ଉନ୍ନୟନ, ଗ୍ରାମ୍ୟ ଉନ୍ନୟନ ଓ ଜଳସେଚନ ବିଭାଗ ପ୍ରକଳ୍ପଗୁଡ଼ିକ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ପ୍ରକଳ୍ପଗଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସଚିବ ନିର୍ଦ୍ଦେଶ ଦେଇଥିଲେ।

ଏହି ସମୀକ୍ଷା ବୈଠକରେ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି ଓ ପୌର ନିର୍ବାହୀ ଅଧିକାରୀ ବିକ୍ରମ ମଳିକଙ୍କ ସମେତ ପୂର୍ତ୍ତ ବିଭାଗ, ଗୃହ ନିର୍ମାଣ ଓ ଜଳସେଚନର ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଅପରାହ୍ନରେ ସଚିବ ଶର୍ମା ସୁକିନ୍ଦା ବ୍ଲକ ଓ ତହସିଲ ଅଫିସ ପରିଦର୍ଶନ କରିଥିଲେ। ବୁଧବାର ସେ ଦାନଗଦି ଓ ସୁକିନ୍ଦା ବ୍ଲକର ବିଭିନ୍ନ ପ୍ରକଳ୍ପ ସହ ରେଙ୍ଗାଲି ବାମପାର୍ଶ୍ୱ କେନାଲ କାର୍ଯ୍ୟ ସମୀକ୍ଷା କରିବେ ବୋଲି ସ୍ଥିର କରାଯାଇଛି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ବାଲିକୁଦା,୧୮।୪(ସ୍ୱ.ପ୍ର,):**

ବାଲିକୁଦା ଥାନା ବୋରିକିନା ପଞ୍ଚାୟତ ଅନ୍ତର୍ଗତ କୁନ୍ଦୁପୁର ଗାଁ ସ୍କୁଲ ପଛରେ ଥିବା ଏକ ସାହାଡ଼ା ଗଛରୁ ମଙ୍ଗଳବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ଉକ୍ତ ଗାଁର କୃଷ୍ଣଚନ୍ଦ୍ର ଓଝାଙ୍କ ପୁଅ ସୁରେନ୍ଦ୍ର ଓଝା(୨୫)।

ସେ ସୋମବାର ରାତି ପ୍ରାୟ ୧୨ଟା ବେଳେ ଗାଁ ଦାଣ୍ଡରେ ବୁଲୁଥିଲେ। ଅସହ୍ୟ ଗରମ ସହ ଗୁଳୁଗୁଳି ହେଉଥିବାରୁ ବୁଲୁଥିବା ଭାବି କେହି ତାଙ୍କୁ କିଛି ପଚାରି ନ ଥିଲେ କିମ୍ବା କୌଣସି ସନ୍ଦେହ କରି ନ ଥିଲେ। ସୋମବାର ସକାଳେ ଏକ ରଶିରେ ତାଙ୍କୁ ସାହାଡ଼ା ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଗାଁଲୋକଙ୍କ ସହଯୋଗରେ ସୁରେନ୍ଦ୍ରଙ୍କୁ ଗଛରୁ ଓହ୍ଲାଇ ବାଲିକୁଦା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲିକୁଦା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଥାନରେ ଅପମୃତ୍ୟୁ ମାମଲା (ନଂ. ୧୧/୨୩) ରୁଜୁ କରିଛି। ଏଥିସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଜଗତ୍‌ସିଂହପୁରୁ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ୧୧ ଗ୍ରାମ ବ୍ରାଉନସୁଗାର ଜବତ: ୨ ଗିରଫ

**ରଘୁନାଥପୁର,୧୮।୪(ଡି.ଏନ୍.ଏ.)**

ରଘୁନାଥପୁର ଥାନା ସାଦେଇପୁର ରଜନୀଛକ ନିକଟରୁ ପୋଲିସ ୧୧.୫୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ କରିଛି। ଏଥିସହ ୨ ଅଭିଯୁକ୍ତଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ସାଦେଇପୁର ଗ୍ରାମର ପତିତପାବନ ମିଶ୍ର ଓରଫ ବବ୍‌ଲୁ(୨୮) ଓ ଦିପୁ ଓରଫ ମାନସ କୁମାର ମହାରଣା ଓରଫ ଦିପୁ(୨୩)। ଏ ସମ୍ପର୍କରେ ଥାନାରେ ଏନ୍‌ଡିପିଏସ ଆକ୍ଟ ଅନୁଯାଇ ମାମଲା (ନଂ ୧୦୧/୨୩) ରୁଜୁ ହୋଇଛି। କୌଣସିସୂତ୍ରରୁ ଖବରପାଇ ଏସ୍‌ଆଇ ଅନିଲ କୁମାର ସାହୁ ପୋଲିସ ଫୋର୍ସ ସହ ରଜନୀ ଛକରେ ଚଢ଼ାଉ କରି ଉଭୟ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ପୋଲିସ କହିଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତି


@ ଅବିନାଶ


@ ମନୋଜ


@ ସତ୍ୟବାଦୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଟାଟା ଷ୍ଟିଲ୍ ପକ୍ଷରୁ ଶିଳ୍ପ ସୁରକ୍ଷା ତାଲିମ କାର୍ଯ୍ୟକ୍ରମ



ତାଲିମ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।

**କଳିଙ୍ଗନଗର,୧୮।୪(ଡି.ଏନ.ଏ.) :**

ଟାଟା ଷ୍ଟିଲ୍ କଳିଙ୍ଗନଗର (ଟିଏସ୍‌କେ) ପକ୍ଷରୁ ଓଡ଼ିଶା ସରକାରଙ୍କ ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ନିର୍ଦ୍ଦେଶାଳୟ ସହଯୋଗିତାରେ ସୋମବାର ଟିଏସ୍‌କେ କାପାବିଲିଟି ଡେଭେଲପ୍‌ମେଣ୍ଟ ଟ୍ରେନିଂ ସେଣ୍ଟର ଅଡିଟୋରିୟମ୍‌ରେ ଶିଳ୍ପ ସୁରକ୍ଷା ଉପରେ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ୍ ଆନଭର୍ଣ୍ଣମେଣ୍ଟ ମ୍ୟାନେଜମେଣ୍ଟ ସର୍ଭିସେସ୍ (ଆଇକ୍ୟୁଇଏମ୍‌ଏସ୍) ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲାର ୨୧ଟି ଶିଳ୍ପର ସୁରକ୍ଷା ବିଭାଗର ପ୍ରାୟ ୨୦୦ରୁ ଉର୍ଦ୍ଧ୍ୱ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ସରକାରଙ୍କ ଯାଜପୁର ଡିଭିଜନର ଫ୍ୟାକ୍ଟ୍ରିଜ୍ ଆଣ୍ଡ୍ ବଏଲର୍ସ ଉପ ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୂତାର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌ର ପରିଚାଳନା ବିଭାଗର ମୁଖ୍ୟ ବିନୀତ ରଞ୍ଜନ ତ୍ରିପାଠୀ, ଟାଟା ଷ୍ଟିଲ୍ କଳିଙ୍ଗନଗରର କୋଲ୍ଡ ରୋଲ୍ ମିଲ୍ ବିଭାଗର ମୁଖ୍ୟ ପ୍ରବୀଣ ଭି ଥାମ୍ପି, ଟାଟା ଷ୍ଟିଲ୍ କଳିଙ୍ଗନଗର ମେକାନିକାଲ୍ ମେଣ୍ଟେନାନ୍ସ ବିଭାଗର ମୁଖ୍ୟ ନାଗା ପ୍ରଶାନ୍ତ, ଟାଟା ଷ୍ଟିଲ୍ କଳିଙ୍ଗନଗରର ସୁରକ୍ଷା ବିଭାଗର ମୁଖ୍ୟ ରବି ଏସ୍.ମିଶ୍ର, ଆଇକ୍ୟୁଇଏମ୍‌ଏସର ପରିଚାଳନା ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ କଳିଙ୍ଗନଗର ଆଖପାଖର ବିଭିନ୍ନ ଶିଳ୍ପର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅଧିବେଶନ ସମୟରେ ଉମେଶ ଚନ୍ଦ୍ର ସୂତାର ଅଂଶଗ୍ରହଣକାରୀମାନଙ୍କୁ ଶିଳ୍ପ ସୁରକ୍ଷାର ବିଭିନ୍ନ ଦିଗ ଉପରେ ସୂଚିତ କରିଥିଲେ ଏବଂ ଶିଳ୍ପରେ ଶୂନ୍ୟ ଦୁର୍ଘଟଣା ହାସଲ କରିବାର ଗୁରୁତ୍ୱ ଏବଂ ତାଲିମ ଓ ଦକ୍ଷତା ବିକାଶ ଜରିଆରେ ଶିଳ୍ପ କର୍ମଚାରୀଙ୍କ ଦକ୍ଷତାର ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଆଇକ୍ୟୁଇଏମ୍‌ଏସ୍‌ର ୫ ଜଣ ଅଭିଜ୍ଞ ପ୍ରଶିକ୍ଷକ ବ୍ୟବହାର ଭିତ୍ତିକ ସୁରକ୍ଷା ଓ ଫେଲ୍ଟ ଲିଡରସିପ୍, ପ୍ରକ୍ରିୟା ସୁରକ୍ଷା, ବିପଦ ଭିତ୍ତିକ ଭାବନା ଓ ଅଗ୍ନିଶମ ସୁରକ୍ଷା ଭଳି ବିଭିନ୍ନ ବିଷୟ ଉପରେ ତାଲିମ ଅଧିବେଶନ ଆୟୋଜନ କରିଥିଲେ।

# କିରାଣିଙ୍କୁ ବସଉଠ କଲେ ଏଡିଏମ୍ ଓ କର୍ମନିୟୋଜନ ଅଧିକାରିଣୀ

## ଜିଲାପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା ଅମଲା ସଂଘ

**ଜଗତ୍‌ସିଂହପୁର ଅଫିସ, ୧୮।୪**

ଜଗତ୍‌ସିଂହପୁର ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ କାର୍ଯ୍ୟରତ କନିଷ୍ଠ କିରାଣି ରୁଦ୍ର ନାରାୟଣ ସାମନ୍ତଙ୍କୁ କର୍ମନିୟୋଜନ କାର୍ଯ୍ୟାଳୟ ଅଧିକାରିଣୀ (ଏମ୍ପ୍ଲଏମେଣ୍ଟ ଅଫିସର) ଅର୍ପିତା ପ୍ରିୟଦର୍ଶିନୀ ଓ ଅତିରିକ୍ତ ଜିଲାପାଳ(ଏଡିଏମ୍) ସଚ୍ଚିଦାନନ୍ଦ ସାହୁ ବସଉଠ କରିଥିବା ନେଇ ସଙ୍ଗିନ ଅଭିଯୋଗ ହୋଇଛି। କିରାଣି ସାମନ୍ତ ଶାରୀରିକ ଓ ମାନସିକ ନିର୍ଯାତନାର ଶିକାର ହୋଇଥିବା ଦର୍ଶାଇ ଜିଲାପାଳଙ୍କ ନିକଟରେ ନ୍ୟାୟ ଭିକ୍ଷା କରିଛନ୍ତି। ଏଥିସହ ରାଜସ୍ୱ ଅମଲା ସଂଘ ଓ ରାଜସ୍ୱ ମିଳିତ ଅମଲା ମଞ୍ଚ ଜିଲା ଶାଖାର ସହାୟତା ଲୋଡ଼ିଛନ୍ତି। ଏହି ଘଟଣାରେ ରାଜସ୍ୱ ଅମଲା ସଂଘ ଜିଲାପାଳ ପାରୁଲ ପଟୱରୀଙ୍କ ହସ୍ତକ୍ଷେପ ଲୋଡ଼ି ସାମନ୍ତଙ୍କୁ ନ୍ୟାୟ ଦେବା ପାଇଁ ଦାବି କରିଥିବା ସଭାପତି ବିନୋଦ କୁମାର ରଥ ସୂଚନା ଦେଇଛନ୍ତି। ସେହିପରି ରାଜସ୍ୱ ମିଳିତ ଅମଲା ମଞ୍ଚ ଜିଲା ଶାଖା ପକ୍ଷରୁ ମଧ୍ୟ ବୁଧବାର ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ହସ୍ତକ୍ଷେପ ସହ ସାମନ୍ତଙ୍କୁ ନ୍ୟାୟ ଦେବା ପାଇଁ ଅନୁରୋଧ କରାଯିବ ବୋଲି ଅଧ୍ୟକ୍ଷ ବୈଷ୍ଣବ ଚରଣ ଦାସ କହିଛନ୍ତି। ଏହି ପ୍ରସଙ୍ଗକୁ ନେଇ ସାରା ଜିଲାରେ ଆଲୋଚନା ଜୋର ଧରିଛି। ଅପରପକ୍ଷରେ ଏଡିଏମ୍ ସାହୁ କହିଛନ୍ତି ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା କିରାଣି ସାମନ୍ତ ଇ-ଅଫିସ୍‌ରେ ଫାଇଲ ଠିକ୍ ଭାବେ କାମ କରିପାରୁ ନ ଥିବା ସମ୍ପର୍କରେ କର୍ମନିୟୋଜନ ଅଧିକାରିଣୀ ପ୍ରିୟଦର୍ଶିନୀ ଅଭିଯୋଗ କରିଥିଲେ। ଜଣେ ଡିଲିଂ ଆସିଷ୍ଟାଣ୍ଟ ୫ ବର୍ଷ କାମ କଲା ପରେ କିଛି ଜାଣି ନ ପାରିବା ଘଟଣାରେ ସେ ଅସନ୍ତୋଷ ପ୍ରକାଶ କରିବା ସହ ତାଗିଦା କରିଥିବା କହିଛନ୍ତି। ସେହିପରି କର୍ମ ନିୟୋଜନ ଅଧିକାରିଣୀ ପ୍ରିୟଦର୍ଶିନୀ ମଧ୍ୟ ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି।

କିରାଣି ସାମନ୍ତଙ୍କ ଅଭିଯୋଗ ହେଲା, ୫ବର୍ଷ ହେବ ସେ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ପ୍ରଥମ ପୋଷ୍ଟିଂ ପାଇ କାମ କରି ଆସୁଛନ୍ତି। କିନ୍ତୁ ଦୁଃଖର କଥା ଅର୍ପିତା ପ୍ରିୟଦର୍ଶିନୀ ୨୦୨୨ରୁ କର୍ମ ନିୟୋଜନ ଅଧିକାରିଣୀ ଭାବେ ଯୋଗଦେବା ପରଠାରୁ ବିଭିନ୍ନ ବାଟରେ ତାଙ୍କୁ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଛନ୍ତି, ଯାହାକି ତାଙ୍କୁ ଅସହ୍ୟ ହେଉଛି। ସେ ବିଭିନ୍ନ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବା ସହ ବିଳମ୍ବରେ କାମ କରିବାକୁ ବାଧ କରୁଛନ୍ତି । ଏପରି କି ଅଶାଳୀନ ବ୍ୟବହାର ପ୍ରଦର୍ଶନ ସହ ମଧ୍ୟ ଧମକାଉଛନ୍ତି। ଗତ ୧୩ ତାରିଖରେ ପ୍ରିୟଦର୍ଶିନୀ ସକାଳ ୯ଟାରେ ଏଡିଏମ୍‌ଙ୍କୁ ଦେଖା କରିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯିବାକୁ ଡାକିଥିଲେ। ଉଭୟେ ଏଡିଏମ୍‌ଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ସେ ଏଡିଏମ୍‌ଙ୍କ ଚାମ୍ବର ବାହାରେ ଅପେକ୍ଷା କରିଥିବା ବେଳେ ଅଧିକାରିଣୀ ପ୍ରିୟଦର୍ଶିନୀ ଭିତରକୁ ପ୍ରବେଶ କରିଥିଲେ। କିଛି ସମୟ ପରେ ସେ ଭିତରକୁ ଆସିବାକୁ ଡାକିଥିଲେ। ସେତେବେଳେ ଏଡିଏମ୍ ସାହୁଙ୍କ ସମେତ ଜିଲା ନିର୍ବାଚନ କାର୍ଯ୍ୟାଳୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରତ୍ୟେକଙ୍କ ଉପସ୍ଥିତିରେ ଜିଲା କର୍ମ ନିୟୋଜନ ଅଧିକାରିଣୀ ଏଡିଏମ୍‌ଙ୍କ ସହାୟତାରେ ଶାରୀରିକ ଓ ମାନସିକ ନିର୍ଯାତନା ଦେବାକୁ ଚେଷ୍ଟା କରିଥିଲେ। ଏପରି କି ସେମାନେ ମିଶି ତାଙ୍କୁ ବସଉଠ କରିବାକୁ ବାଧ କରିଥିଲେ। ଏକ ଫାଇଲ ଭୁଲ୍‌ଭାଲ କରି ପଠାଇ ତାଙ୍କ ନାଁରେ ମିଛ କହି ଏଡିଏମ୍‌ଙ୍କୁ ପ୍ରଭାବିତ କରିଥିଲେ। ଫଳରେ ସେ ଅନନ୍ୟୋପାୟ ହୋଇ ବସଉଠ ହୋଇଥିଲେ। ଏପରି କି ଅଧିକାରିଣୀ ପ୍ରିୟଦର୍ଶିନୀ କାର୍ଯ୍ୟାଳୟର ସମସ୍ତ ଆର୍ଥିକ ପ୍ରସଙ୍ଗ ନିଜେ ବୁଝିବା ସହ ବେଆଇନ କାମ କରିବାକୁ ତାଙ୍କୁ ବାଧ କରୁଛନ୍ତି। ସେ ରାଜି ନ ହେବାରୁ ନିର୍ଯାତନା ଦେଉଥିବା ଅମଲା ସଂଘ କର୍ମକର୍ତ୍ତାଙ୍କୁ ଲେଖିଥିବା ପତ୍ରରେ ସାମନ୍ତ ଉଲ୍ଲେଖ କରିଛନ୍ତି । କର୍ମ ନିୟୋଜନ କାର୍ଯ୍ୟାଳୟ ମୁଖ୍ୟ କିରାଣି ସୁବ୍ରତ କୁମାର ଦାସ କହିଛନ୍ତି କିରାଣିମାନଙ୍କୁ କମ୍ପ୍ୟୁଟର ପାସୱାର୍ଡ ଦିଆଯାଉ ନ ଥିବାରୁ କାମ କରିବାରେ ଅସୁବିଧା ହେଉଛି । ଅଧିକାରିଣୀ ପ୍ରିୟଦର୍ଶିନୀ ଜଗତ୍‌ସିଂହପୁର ଆସିଲା ଦିନଠାରୁ ଏକଚାଟିଆ କାମ କରି ଚାଲିଛନ୍ତି । ୧୦/୧୫ ଦିନରେ ଅଫିସ ଅର୍ଡର କରି ପାରାଦୀପ ପଠାଉଛନ୍ତି। କୌଣସି ମେଲ ଦେଖିବାକୁ ସୁଯୋଗ ଦେଉନାହାନ୍ତି। କେବଳ ହ୍ୱାଟ୍ସଆପ୍ ଗ୍ରୁପ କରି ସେଥିରେ ଯାହା ପଠାନ୍ତି ତୁରନ୍ତ ପୁଟଅପ୍ କରିବାକୁ ନିର୍ଦ୍ଦେଶ ଦିଅନ୍ତି ବୋଲି ସୁବ୍ରତ କହିଛନ୍ତି।

# ୫-ଟି ସ୍କୁଲ ତାଲିକାର ସ୍ୱଚ୍ଛତା ଉପରେ ପ୍ରଶ୍ନ


ରଘୁ କୁନ୍ତଳା ବିଦ୍ୟାପୀଠ ।


ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ସ୍କୁଲ ବାରଣ୍ଡାରେ ବସି ପାଠ ପଢୁଛନ୍ତି ।

- ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ନଜର ନାହିଁ
- ସବୁ ହାଇସ୍କୁଲ ୫-ଟିରେ ସାମିଲ ହେବ ବୋଲି କହିଲେ ଡିଇଓ

**ନୟାଗଡ଼ ଅଫିସ,୧୮।୪:**

ଶିକ୍ଷା ବ୍ୟବସ୍ଥାକୁ ଆଖି ଆଗରେ ରଖି ସରକାର ୫-ଟି ସ୍କୁଲ ନାଁରେ ଅନେକ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲାର ସବୁ ହାଇସ୍କୁଲ ସାମିଲ ହେବ ବୋଲି କୁହାଯାଉଛି । ତେବେ ଯେଉଁଭଳି ଢ଼ଙ୍ଗରେ ୫-ଟି ସ୍କୁଲର ନାମ ଚୟନ କରାଯାଉଛି ସେଥିରେ ସ୍ୱଚ୍ଛତା ରହୁନି ବୋଲି ଅଭିଯୋଗ ହେଉଛି । କେତେଜଣ ଶିକ୍ଷାବିତ୍‌ଙ୍କ ମତରେ ଯେଉଁ ସ୍କୁଲର ଭିତ୍ତିଭୂମି ନାହିଁ ସେଗୁଡିକୁ ପ୍ରାଧାନ୍ୟ ଦେଇ ୫-ଟି ସ୍କୁଲରେ ସାମିଲ କରାଗଲେ ଭଲ ହୁଅନ୍ତା । ତେବେ ସେପରି କରାଯାଉନି । ରଙ୍ଗ ବୋଳି, କିଛି ଗଛ ଲଗାଇ ୫-ଟି ସ୍କୁଲ ନାଁରେ ହରିଲୁଟ୍ ଚାଲିଛି ବୋଲି ଅଭିଯୋଗ ଆସିଛି । ଜିଲାର ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟ, ରଘୁ କୁନ୍ତଳା ବିଦ୍ୟାପୀଠ ହରିପୁର, ନୟାଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଅନୁଧ୍ୟାନ କଲେ କିପରି ୫-ଟି ସ୍କୁଲର ଚୟନ ଚାଲିଛି ତାହା ସ୍ପଷ୍ଟ ହୋଇଛି ।

**ଭଙ୍ଗା ଘରେ,ବାରଣ୍ଡାରେ ପାଠପଢା-** ନୟାଗଡ ଜିଲା ସଦର ମହକୁମା ଉପକଣ୍ଠ ନୟାଗଡ଼ ବ୍ଲକର ସିନ୍ଦୁରିଆ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ର ଭଙ୍ଗା ଘରେ ଓ ବାରଣ୍ଡାରେ ବସି ପାଠ ପଢୁଛନ୍ତି । ବର୍ଷା, ପବନ, ଖରା ହେଲେ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧା ହୁଏ । ଶିକ୍ଷକ ଗୋଟିଏ ଶ୍ରେଣୀରେ ଭଙ୍ଗା ଘର ଓ ବାରଣ୍ଡାରେ ପଢୁଥିବା ଛାତ୍ରୀଛାତ୍ରଙ୍କୁ କେବଳ ଜଗି ରହି ସ୍କୁଲ ଛୁଟି ହେବା ସମୟକୁ ଅପେକ୍ଷା କରନ୍ତି । ବର୍ଷ ତମାମ ଏଭଳି ସମସ୍ୟା ଲାଗି ରହିଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ପାଇଁ ଶିକ୍ଷା ବିଭାଗ, ଜିଲା ପ୍ରଶାସନ କି ଲୋକ ପ୍ରତିନିଧି ଗୁରୁତ୍ୱ ଦିଅନ୍ତି ନାହିଁ ବୋଲି ଅଭିଯୋଗ ହୋଇ ଆସୁଛି ।

୧୯୩୦ରେ ସିନ୍ଦୁରିଆରେ ସ୍ଥାପିତ ବିଦ୍ୟାଳୟଟି ସିନ୍ଦୁରିଆ ପଞ୍ଚାୟତର ଏକମାତ୍ର ସ୍କୁଲ । ଏହି ସ୍କୁଲ ପର୍ଯ୍ୟାୟ କ୍ରମେ ଉନ୍ନୀତ ହୋଇ ଉଚ୍ଚ ବିଦ୍ୟାଳୟ ହୋଇ ସାରିଛି । ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସେଠାରେ ଶିକ୍ଷାଦାନ ହେଉଛି । ହେଲେ ସ୍କୁଲରେ ମାତ୍ର ୫ଟି ସ୍ଥାୟୀ ଗୃହ ଅଛି । ଯେଉଁ ଛାତ ଘରେ ସପ୍ତମ, ଅଷ୍ଟମ, ନବମ, ଦଶମ ଶ୍ରେଣୀ ଚାଲୁଥିବାବେଳେ ଅବଶିଷ୍ଟ କକ୍ଷରେ ୩ୟ ଓ ୪ର୍ଥ ଶ୍ରେଣୀ ଚାଲିଛି । ପ୍ରଥମ ଶ୍ରେଣୀ ଛାତ୍ରୀଛାତ୍ର ବାରଣ୍ଡାରେ ପାଠ ପଢୁଛନ୍ତି । ଦ୍ୱିତୀୟ, ପଞ୍ଚମ ଓ ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ର ଭଙ୍ଗା ଘରେ ପାଠ ପଢୁଛନ୍ତି । ୩ଟି ଭଙ୍ଗା ଘରର ଆଜବେଷ୍ଟସ ଛାତ ଭାଙ୍ଗି ଯାଇଛି । ମରାମତି ଅଭାବରୁ କାନ୍ଥ ଓ ଚଟାଣ ନଷ୍ଟ ହୋଇଯାଇଛି । ବିଭିନ୍ନ ସମୟରେ ସିମେଣ୍ଟ ପଲସ୍ତରା ଖସୁଥିଲେ ମଧ୍ୟ ଭାଗ୍ୟକୁ ଛାତ୍ରୀଛାତ୍ରଙ୍କ ଉପରେ ପଡିନାହିଁ ସେହିପରି ୩୩ ଫୁଟର ଏକ ଶ୍ରେଣୀ କକ୍ଷ ୨ ବର୍ଷ ହେଲା ନିର୍ମାଣ ହେବା ନାଁରେ ପ୍ଲିନ୍ଥ ପର୍ଯ୍ୟନ୍ତ କାମ ହୋଇ ପଡି ରହିଛି । ଏହି ସୁଯୋଗରେ କେତେଜଣ ଯୁବକ ନୂଆ ଘରର ଛଡ, ପୁରୁଣା ଘରର ଝରକା କବାଟ ତାଡି ନେଇ ସାରିଲେଣି । ବର୍ଷା ହେଲ ସ୍କୁଲ ପରିସରରେ ଏକରୁ ଅଢ଼େଇ ଫୁଟ ଉଚ୍ଚର ପାଣି ଜମି ରହୁଛି । ବିଭିନ୍ନ ସମୟରେ ସରପଞ୍ଚ, ଜିଲା ପରିଷଦ ସଦସ୍ୟ, ଜିଲା ପରିଷଦ ଅଧ୍ୟକ୍ଷ, ବିଡିଓ ସ୍କୁଲ ପରିଦର୍ଶନ ଯାଇଥିଲେ ମଧ୍ୟ କୌଣସି ପରିବର୍ତ୍ତନ ଘଟୁ ନାହିଁ । ସ୍କୁଲର ଭିତ୍ତିଭୂମି ନ ଥିବାରୁ ୫-ଟିରେ ସାମିଲ ହେବା କାଠିକର ପାଠ ହେଉଛି ବୋଲି କୁହାଯାଉଛି । କେତେଜଣ ଅଭିଭାବକ ଏନେଇ ଆନ୍ଦୋଳନ କରିବାକୁ ସଜବାଜ ହେଉଥିବା ଖବର ମିଳିଛି ।

**ଶ୍ରେଣୀକକ୍ଷରେ ପାଣି-**ନୟାଗଡ଼ ମ୍ୟୁନିସିପାଲିଟିର ୧ ନଂ. ୱାର୍ଡରେ ରହିଛି ସହରର ଏକମାତ୍ର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ । ଏହାର ପ୍ରଧାନଶିକ୍ଷୟିତ୍ରୀ ପଦ ପ୍ରାୟ ୨ବର୍ଷ ହେଲା ଖାଲି ପଡିଛି । ବିଦ୍ୟାଳୟରେ ପାଠପଢ଼ା ଠିକ୍‌ରେ ହେଉ ନ ଥିବା ଅଭିଯୋଗ ହୋଇ ଆସୁଛି । ଅନ୍ୟପକ୍ଷେ ବର୍ଷା ହେଲେ ନର୍ଦ୍ଦମା ଜଳ ସ୍କୁଲ ଭିତରେ ପଶି ବିଦ୍ୟାଳୟ ହତା ଭିତରେ ୧ରୁ ୩ ଫୁଟ ଉଚ୍ଚର ପାଣି ଜମି ରହୁଛି । ପୁଣି ଶ୍ରେଣୀକକ୍ଷରେ ପାଣି ପଶୁଛି । ଏଣୁ ବର୍ଷା ହେଲେ ପାଠପଠାରେ ଡୋରି ବନ୍ଧା ହୁଏ । ଜିଲା ସଦର ମହକୁମା ଓ ନୟାଗଡ଼ ମ୍ୟୁନିସିପାଲିଟିର ଏହି ସ୍କୁଲ ନାନା ସମସ୍ୟାରେ ଛନ୍ଦି ହୋଇ ପଡିଛି । ଏନେଇ ସ୍କୁଲ ପରିଚାଳନା କମିଟି ସଦସ୍ୟ ଜ୍ୟୋତିରଞ୍ଜନ ସାହୁଙ୍କୁ ପଚାରିବାରୁ ସ୍କୁଲର ଭିତ୍ତିଭୂମି ବଦଳାଇବାକୁ ପଡିବ । ନୂଆ ଶ୍ରେଣୀ କକ୍ଷ ଅଥବା ଡ୍ରେନ ପାଣିକୁ ରୋକିବାକୁ ବିକଳ୍ପ ବ୍ୟବସ୍ଥା ଆପଣେଇବାକୁ ପଡିବ । ନଚେତ୍ ସ୍କୁଲରେ ଆଉ ଛାତ୍ରୀଛାତ୍ର ପାଠପଢ଼ିବା ସମ୍ଭବ ହେବ ନାହିଁ । ପୁଣି ପ୍ରଧାନଶିକ୍ଷୟିତ୍ରୀ ପଦବ ପୂରଣ କରିବାର ରହିଛି ବୋଲି କହିଛନ୍ତି ।

**ଶ୍ରେଷ୍ଠ ସ୍କୁଲକୁ ଝଟକା-** ଓଡ଼ଗାଁ ବ୍ଲକର ଡିମିଶର ପଞ୍ଚାୟତର ହରିପୁରରେ ରହିଛି ରଘୁ କୁନ୍ତଳା ବିଦ୍ୟାପୀଠ । ଯାହାକି ପଞ୍ଚାୟତର ଏକମାତ୍ର ହାଇସ୍କୁଲ । ଉକ୍ତ ସ୍କୁଲ ବ୍ଲକ ଗ୍ରାଣ୍ଟ ଅନୁଦାନ ପାଉଛି । ତେବେ ବେଳେବେଳେ ସରକାରୀ ରେକର୍ଡରେ ସ୍କୁଲ ଡିମିଶର ପଞ୍ଚାୟତରେ ନ ଥିବା ଦର୍ଶାଯାଉଛି । ୨୦୧୯ ଓ ୨୦୨୨ରେ ଏହି ସ୍କୁଲର ଛାତ୍ରୀଛାତ୍ର ଦଶମ ଶ୍ରେଣୀ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ପାଇଥିଲେ । ସେଥିପାଇଁ ଏହି ସ୍କୁଲ ୧ ଲକ୍ଷ ଟଙ୍କା ଲେଖାଏଁ ୨ ଲକ୍ଷ ଟଙ୍କା ପୁରସ୍କାର ପାଇ ଶ୍ରେଷ୍ଠ ସ୍କୁଲର ମାନ୍ୟତା ପାଇଛି । ସ୍କୁଲଟି ୫-ଟି ସ୍କୁଲର ମାନ୍ୟତା ପାଇବା ପାଇଁ ଭିତ୍ତିଭୂମି ଥିବାରୁ ନିକଟରେ ଏହାକୁ ସାମିଲ କରାଯାଇଥିଲା । ତେବେ ପରବର୍ତ୍ତୀ ରିପୋର୍ଟରେ ରଘୁ କୁନ୍ତଳା ବିଦ୍ୟାପୀଠ ହରିପୁର ବଦଳରେ କେଶପାନିଆ ବିବେକାନନ୍ଦ ବିଦ୍ୟାପୀଠର ନାଁ ରହିଲା । ରଘୁ କୁନ୍ତଳା ବିଦ୍ୟାପୀଠ କାହିଁକି ୫-ଟି ସ୍କୁଲର ମାନ୍ୟତା ହରାଇଲା ପଞ୍ଚାୟତବାସୀ ତା'ର ହିସାବ ପାଉନାହାନ୍ତି । ଶ୍ରେଷ୍ଠ ସ୍କୁଲକୁ ପ୍ରଶାସନ ୫-ଟି ସ୍କୁଲ ତାଲିକାରୁ କାଟି ଉପହାର ଦେଲା ବୋଲି ଚର୍ଚ୍ଚା ହେଉଛି । ଜିଲା ଶିକ୍ଷା ଅଧିକାରୀ ଅକ୍ରୁର ବାରିକ କୁହନ୍ତି, ବ୍ଲକସ୍ତରରେ ୫-ଟି ସ୍କୁଲ ଚୟନ ହେଉଛି । ତେବେ ସବୁ ହାଇସ୍କୁଲ ୫-ଟିରେ ସାମିଲ ହେବ ବୋଲି ସେ ସୂଚନା ଦେଇଛନ୍ତି ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଜ୍ୟୋତି


@ ଅବିନାଶ


@ ମନୋଜ


@ ସତ୍ୟବାଦୀ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ଅର୍ଥନୀତି ବିଭାଗ ମୁଖ୍ୟ ବାବାଜୀ ଚରଣ ପରିଡ଼ାଙ୍କ ପରଲୋକ

**ଓଡ଼ଗାଁ,୧୮।୪(ସ୍ୱ.ପ୍ର.)**

ଓଡ଼ଗାଁ ରଘୁନାଥ ସମବାୟ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ବିଭାଗ ମୁଖ୍ୟ ବାବାଜୀ ଚରଣ ପରିଡ଼ାଙ୍କ(୫୯) ସୋମବାର ଅପରାହ୍ନରେ ପରଲୋକ ହୋଇଯାଇଛି। ୧୯୮୮ ମସିହାରେ ସ୍ୱର୍ଗତ ପରିଡା ଓଡ଼ଗାଁ କଲେଜର ଅର୍ଥନୀତି ବିଭାଗର ଅଧ୍ୟାପକ ଭାବେ ଯୋଗ ଦେଇଥିଲେ। ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନିରବଚ୍ଛିନ୍ନ ଭାବେ ସେ ଶିକ୍ଷାଦାନ କରିଆସୁଥିଲେ। ଗତ ୨ ମାସ ଧରି ସେ ଯକୃତ ଜନିତ ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ସୋମବାର ଅପରାହ୍ନ ୩ଟା ୪୫ରେ ତାଙ୍କର ପରଲୋକ ଘଟିଥିଲା। ଏହି ଖବର ଜଣାପଡିବା ପରେ କଲେଜରେ ଶୋକଛାୟା ଖେଳି ଯାଇଥିଲା। ମଙ୍ଗଳବାର କଲେଜ ପରିସରରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ରାଜକିଶୋର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀ ସାମିଲ ହୋଇ ଅଧ୍ୟାପକ ପରିଡ଼ାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ତାଙ୍କ ଅକାଳ ବିୟୋଗରେ ଓଡ଼ଗାଁ କଲେଜର ଅର୍ଥନୀତି ବିଭାଗ ମୁରବୀ ଶୂନ୍ୟ ହୋଇଗଲା ବୋଲି ଅଧ୍ୟକ୍ଷ ରାଜକିଶୋର ସାହୁ କହିଥିଲେ। ଉଦ୍ଭିଦ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼ ସୁକାନ୍ତ କୁମାର ସାହୁ ଓ ଶିକ୍ଷା ବିଭାଗ ବିଭାଗୀୟ ମୁଖ୍ୟ ପ୍ରଦୀପ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୱାଇ-୨୦ କନସଲ୍‌ଟେଶନ ସମ୍ମିଳନୀରେ ନୟାଗଡ଼ ଛାତ୍ର ଫରହାନ୍

**ନୟାଗଡ଼ ଅଫିସ,୧୮।୪:**

ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ଭୁବନେଶ୍ୱର କିଟ୍ ପରିସରରେ ଆୟୋଜିତ ୱାଇ-୨୦ କନସଲ୍‌ଟେଶନ ସମ୍ମିଳନୀରେ ନୟାଗଡ଼ ଜିଲାରୁ ଫରହାନ ଖାଁ ଯୋଗ ଦେଇ ଜିଲାକୁ ଗୌରବାନ୍ୱିତ କରିଛନ୍ତି । ଏହି କାର୍ଯ୍ୟକ୍ରମ ଜି-୨୦ର ଏକ ଅଂଶ ବିଶେଷ ହୋଇଥିବା



ସମ୍ମିଳନୀରେ ଫରହାନ ଖାଁ ।

ବେଳେ ନୟାଗଡ଼ ଜିଲା ଶରଣକୁଳ କଲେଜର ଇଂରାଜୀ ବିଭାଗର ଛାତ୍ର ଫରହାନ ଯୋଗଦାନ କରି ନିଜର ବକ୍ତବ୍ୟ ରଖିଥିଲେ । ଭାରତ ସରକାରଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ଆଗାମୀ ଜି-୨୦ ସମ୍ମିଳନୀରେ ମଧ୍ୟ ଫରହାନ ଖାଁ ଯୋଗ ଦେବେ ବୋଲି ଜଣାପଡ଼ିଛି। ଗତ ୧୪ ଏବଂ ୧୫ ତାରିଖ ଦୁଇଦିନ ଅନୁଷ୍ଠିତ ସମ୍ମିଳନୀରେ ୨୦ଟି ଦେଶର ପ୍ରତିନିଧି, ୨୫ ଜଣ ଏମପି, ୨୦୦ ଜଣ ଶିକ୍ଷାବିତ୍ ଏବଂ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦାନ କରିଥିଲେ । ସୂଚନାଯୋଗ୍ୟ, ନୟାଗଡ଼ ଏନଏସି ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ରସିଦା ଖାତୁନ ଏବଂ ତରୁଣ ଖାଁଙ୍କ ଏକମାତ୍ର ପୁଅ ଫରହାନ କଳା ଏବଂ ସାଂସ୍କୃତିକ କ୍ଷେତ୍ରରେ ବେଶ ସୁନାମ ଅର୍ଜନ କରିଛନ୍ତି ।

# ଜବ୍‌କାର୍ଡଧାରୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ

## କଥାରେ ନୁହେଁ , କାମରେ କରି ଦେଖାଅ କହିଲେ ଯୋଜନା ବୋର୍ଡ ଅଧ୍ୟକ୍ଷ



ବୈଠକରେ ମଞ୍ଚାସୀନ ଅତିଥି ।

**ନୂଆଗାଁ,୧୮।୪ (ଡି.ଏନ.ଏ.)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ମଙ୍ଗଳବାର ନିଖିଳ ଓଡ଼ିଶା ଜବ୍‌କାର୍ଡଧାରୀ କଲ୍ୟାଣ ସଂଘ ପକ୍ଷରୁ ଜବ୍‌କାର୍ଡଧାରୀ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜବ୍‌କାର୍ଡଧାରୀଙ୍କ ପାଇଁ ସରକାର କେଉଁ ସୁବିଧା ସୁଯୋଗ ରଖିଛନ୍ତି ସେ ସଂକ୍ରାନ୍ତରେ ଉପସ୍ଥିତ ଜବ୍‌କାର୍ଡଧାରୀମାନଙ୍କୁ ଅବଗତ କରାଯାଇଥିଲା । ମହିଳା ଜବ୍‌କାର୍ଡଧାରୀମାନେ ଜବ୍‌କାର୍ଡ ମାଧ୍ୟମରେ କି ଭଳି ସ୍ୱାବଲମ୍ବୀ ହୋଇ ପାରିବେ ସେ ବାବଦରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ବୁଝାଯାଇଥିଲା। ଏହି ଅବସରରେ ଉପସ୍ଥିତ ଥିବା ସମସ୍ତ ଜବ୍‌କାର୍ଡଧାରୀମାନଙ୍କ ସୁବିଧା ଅସୁବିଧା ବିଷୟରେ ଅଧିକାରୀମାନେ ପଚାରି ବୁଝିଥିଲେ । ତେବେ ଜବ୍‌କାର୍ଡଧାରୀମାନଙ୍କୁ ଯେଉଁ ପାରିଶ୍ରମିକ ଦିଆଯାଉଛି ତାହା ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ନୁହଁ। ତେଣୁ ପାରିଶ୍ରମିକ ଅଧିକ କରାଯାଉ ବୋଲି ଜଣେ ଜବ୍‌କାର୍ଡଧାରୀ କହିଥିଲେ । ଆମ ହାତରେ ପାରିଶ୍ରମିକ ବୃଦ୍ଧି କରିବାର କ୍ଷମତା ନାହିଁ । ଆମେ କେବଳ ସରକାରଙ୍କୁ ଜଣେଇ ପାରିବୁ ବୋଲି ଅଧିକାରୀମାନେ ଉତ୍ତର ଦେଇଥିଲେ ।

ବ୍ଲକ ଏପିଓ ଅମରେନ୍ଦ୍ର ସାହୁ ଜବ୍‌କାର୍ଡଧାରୀଙ୍କ ଅଧିକାରୀ ହୋଇଥିଲେ ମଧ୍ୟ ଉକ୍ତ ବୈଠକରେ ନ ବସି ସଭାସ୍ଥଳ ଛାଡି ବାରମ୍ବାର ବାହାରକୁ ଯାଉଥିବା ଦେଖିବାକୁ ମିଳିଥିଲା । ମଞ୍ଚାସୀନ ଅଧିକାରୀମାନେ ଏଥିରେ ଅସନ୍ତୋଷ ବ୍ୟକ୍ତ କରିବା ସହ ବୈଠକରେ ବସିବା ପାଇଁ ତାଙ୍କୁ କହିଥିଲେ । ହେଲେ ସେ ଅଳ୍ପ କିଛି ସମୟ ବସିବା ପରେ ସଭାଗୃହ ଛାଡି ଚାଲିଯାଇଥିଲେ । ଏହାକୁ ଅତିଥିମାନେ ନାପସନ୍ଦ କରିଥିଲେ । ଅନ୍ୟପକ୍ଷେ ଛତୁ ମଞ୍ଜିର ଅଭାବ ବାବଦରେ କୋରଡା ପଞ୍ଚାୟତ ଏସ୍‌ଏଚ୍‌ଜିର ସଦସ୍ୟ ସବିତା ସାହୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବୈଠକର ଆୟୋଜକ ଛତୁ ମଞ୍ଜି ଉତ୍ପାଦନ ପ୍ରଣାଳୀ ତାଲିମର ବ୍ୟବସ୍ଥା କରିଦେବୁ ବୋଲି କହିଥିଲେ । କଥାରେ ନୁହେଁ କାମରେ କରି ଦେଖାଅ ବୋଲି ବୈଠକର ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ଯୋଜନା ବୋର୍ଡ ଅଧ୍ୟକ୍ଷ ଡ.ପ୍ରସନ୍ନ କୁମାର ପାଢ଼ଶାଣୀ ଆୟୋଜକମାନଙ୍କୁ କହିଥିଲେ । ଏହି ବୈଠକରେ ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ବିଡିଓ ସଚ୍ଚିଦାନନ୍ଦ ମିଶ୍ର , ମହିଳା ମୁଖ୍ୟ ପ୍ରକଳ୍ପ ସଂଯୋଜକ ରୋଜାଲିନ ସେନାପତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

# ପୂର୍ବତନ ବିଧାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

**ଖଣ୍ଡପଡ଼ା,୧୮।୪(ସ୍ୱ.ପ୍ର.)**

ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ସତ୍ୟସୁନ୍ଦର ମିଶ୍ରଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ସ୍ୱର୍ଗତ ମିଶ୍ର ଉକ୍ତ କଲେଜର ପ୍ରତିଷ୍ଠାତା ସଭାପତି ଥିଲେ । ଏହି ଅବସରରେ କଲେଜ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ରଞ୍ଜିତ ତ୍ରିପାଠୀ, ଉପାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ଦାଶ, ପ୍ରାଧ୍ୟାପକ ପବିତ୍ର କୁମାର ସୁବୁଦ୍ଧି, ଅଧ୍ୟାପକ ରମେଶ ଚନ୍ଦ୍ର ସାହୁ, ପୂର୍ଣ୍ଣ ଚନ୍ଦ୍ର ଶତପଥୀ, ହୃଷୀକେଶ ମିଶ୍ର, ଲକ୍ଷ୍ମୀଧର ଡିନରାଙ୍କ ସମେତ ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସ୍ୱର୍ଗତ ମିଶ୍ରଙ୍କ ପୁଅ ମନୀଷ ପ୍ରସାଦ ମିଶ୍ର, ଝିଅ ଇଶାନୀ ମିଶ୍ର ଓ ନାତି ନିର୍ଲିପ୍ତ ମିଶ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।


ପୂର୍ବତନ ବିଧାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି ।

